## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ଫିରିଙ୍ଗିଆ,୧୧।୩-** ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ବାଲନ୍ଦାପଡ଼ା ପଞ୍ଚାୟତ ବାଲିଆପଡ଼ା ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସତ୍ୟନାରାୟଣ ସାହୁ (୧୯)। ମଙ୍ଗଳବାର ସକାଳେ ଗ୍ରାମ ନିକଟସ୍ଥ ମହୁଲ ଗଛରେ ଗାମୁଛାରେ ତାଙ୍କ ମୃତଦେହ ଝୁଲୁଥିବା ଦେଖାଯାଇଥିଲା। ଖବରପାଇ ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଫୁଲବାଣୀ ଫୋରେନ୍‌ସିକ ଟିମକୁ ଖବର ଦେଇଥିଲେ। ଫୋରେନସିକ୍ ଟିମ୍ ସନ୍ଧାନୀ କୁକୁର ସହ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଏ ନେଇ ଥାନାରେ ନଂ.୪/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । କୌଣସି ଏକ କଥାକୁ ନେଇ ସତ୍ୟନାରାୟଣ ସୋମବାର ଘରୁ ପଳାଇଥିଲେ। ରାତି ପର୍ଯ୍ୟନ୍ତ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ।

### ଅଟୋ-ବାଇକ୍ ମୁହାଁମୁହିଁ, ଯୁବକ ମୃତ

**ଫିରିଙ୍ଗିଆ,୧୧।୩-** ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ଉରକିଆ ଛକ ନିକଟରେ ବୁଧବାର ବାଇକ ଓ ଅଟୋରିକ୍ସା ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଫିରିଙ୍ଗିଆ ଥାନା ଜଜେଶପଙ୍ଗା ଗ୍ରାମ ଓଡ଼ିଆ ସାହିର ଚକ୍ରଧର ସାହୁ । ଚକ୍ରଧର ରାଇକିଆ ମେଡ଼ିକାଲରେ ମ୍ୟାଲେରିଆ ବିଭାଗରେ କାମ କରୁଥିଲେ। ବୁଧବାର ସକାଳ ପ୍ରାୟ ୯ଟାରେ ନିଜ ଆଈ ସୁଲୋଚନା ସାହୁଙ୍କ ମୃତ୍ୟୁ ଖବରପାଇ ରାଇକିଆରୁ ବାଇକ୍‌ରେ ନିଜ ଗ୍ରାମକୁ ଆସୁଥିଲେ । ଉରକିଆଛକ ନିକଟସ୍ଥ ବୁଲାଣିରେ ଏକ ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଚକ୍ରଧର ଗୁରୁତର ଆହତ ହୋଇଥିଲେ। ଆମ୍ବୁଲାନ୍ସରେ ତାଙ୍କୁ ତୁରନ୍ତ ସାରଙ୍ଗଗଡ଼ ଡାକ୍ତରଖାନାକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଫିରିଙ୍ଗିଆ ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଥାନାରେ ନଂ.୨୧/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଦୁର୍ଘଟଣା ଘଟାଇ ଅଟୋଚାଳକ ଫେରାର ହୋଇଯାଇଛନ୍ତି।

### କରୋନା ଭୟ, ଶୁଭେଚ୍ଛା ବାର୍ତ୍ତାରେ ଅଟକିଲା ହୋଲି

**ଦାରିଙ୍ଗବାଡ଼ି,୧୧।୩(ଡି.ଏନ.ଏ)-** କରୋନା ଭୟରେ ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ମଙ୍ଗଳବାର ହୋଲି ପର୍ବ ଶୁଭେଚ୍ଛା ବାର୍ତ୍ତାରେ ଅଟକି ରହିଛି। ପରସ୍ପର ମଧ୍ୟରେ ଶୁଭେଚ୍ଛା ବାର୍ତ୍ତାକୁ ସାମାଜିକ ଗଣ ମାଧ୍ୟମରେ ଦେଇ ଲୋକମାନେ ହୋଲି ପାଳନ କରିଛନ୍ତି। ପୃଥିବୀରେ କରୋନା ଭୂତାଣୁକୁ ନେଇ ଆତଙ୍କ ଦେଖାଯାଇଥିବା ବେଳେ ସରକାରଙ୍କ ପକ୍ଷରୁ ହୋଲି ନ ଖେଳିବାକୁ ପରାମର୍ଶ ଦିଆଯାଇଛି। ଏ ନେଇ ଜନସାଧାରଣ ସଚେତନ ହେବା ସହ ଆଗଭଳି ହୋଲି ଖେଳିବାକୁ ପସନ୍ଦ କରୁନାହାନ୍ତି। କିଛି ସ୍ଥାନରେ ଯୁବ ଗୋଷ୍ଠୀ ହୋଲି ଖେଳୁଥିଲେ ମଧ ପୂର୍ବବର୍ଷ ଭଳି ଭିଡ଼ ଦେଖିବାକୁ ମିଳି ନ ଥିଲା। ଚଳିତ ହୋଲିକୁ କରୋନା ଫିକା କରିଦେଇଛି ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ୭ ଗାଁରେ ସରକାରୀ ଯୋଜନା ଅପହଞ୍ଚ

## କୋଏରମାଣ୍ଡୁ ପଞ୍ଚାୟତ

**ଫୁଲବାଣୀ ଅଫିସ, ୧୧।୩**


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିବା ଗ୍ରାମବାସୀ।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକରେ ବହୁ ଦୁର୍ଗମ ଅଞ୍ଚଳ ରହିଛି। ସେସବୁ ଅଞ୍ଚଳରେ ଥିବା ଅଧିକାଂଶ ଗ୍ରାମବାସୀ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ଅଛନ୍ତି। ରାସ୍ତା ନ ଥିବାରୁ ଗାଁକୁ ବିଜୁଳି, ସ୍ୱାସ୍ଥ୍ୟ ସେବା ପହଞ୍ଚି ପାରୁନାହିଁ। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ ମଧ୍ୟ ଜିଲା ପ୍ରଶାସନର ଆନ୍ତରିକତା ଅଭାବ ପରିଲକ୍ଷିତ ହେଉଛି। ବୁଧବାର କୋଏରମାଣ୍ଡୁ ପଞ୍ଚାୟତ ଅନ୍ତର୍ଗତ ୭ଟି ଗ୍ରାମର ଶତାଧିକ ଗ୍ରାମବାସୀ ଜିଲାପାଳ ଡ. ବୃନ୍ଦା ଡ଼ିଙ୍କ ନିକଟରେ ଏହି ଅଭିଯୋଗ କରିଛନ୍ତି।

ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ସେମାନେ ବିକାଶ କ'ଣ ଏ ଯାଏ ଜାଣି ନାହାନ୍ତି। ବାରାହାଲା, ବେରେଣୀ, ଦୁବସରା, ତିଲେକାପଦର, ବଡ଼ିଗାଁ, ଗୁମ୍ବାଙ୍ଗି ଓ ସରୁପାଜୁ ଗ୍ରାମକୁ ଯିବାକୁ ନିତିଦିନିଆ ରାସ୍ତା ବି ନାହିଁ। ଫିରିଙ୍ଗିଆ ସଦର ମହକୁମାରୁ ୫୦ କି.ମି. ଦୂର କୋଏରମାଣ୍ଡୁରୁ ୮ରୁ ୯ କି.ମି. ଦୂରତା ମଧ୍ୟରେ ଏହିସବୁ ଗ୍ରାମ। ରାସ୍ତା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗର୍ଭବତୀ, ରୋଗୀ କାନ୍ଧ ଭାରରେ ବୁହାହୋଇ ଡାକ୍ତରଖାନା ଯାଇଥାନ୍ତି। ବିଜୁଳି ଆଲୋକ ସାତସପନ ହୋଇଛି। ଡିବିରି ଆଲୁଅକୁ ଭରସା କରି ଚଳି ଆସୁଛନ୍ତି। ପିଇବା ପାଣି ପାଇଁ କୂଆ ଓ ନାଳ ଉପରେ ନିର୍ଭର କରିବାକୁ ପଡୁଛି। ଗ୍ରାମର ଲୋକେ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରି ଚଳି ଥାଆନ୍ତି। କାରଣ ସରକାରଙ୍କର ଏମ୍‌ଜିଏନ୍‌ଆର୍‌ଇଜିଏସ ହେଉ କିମ୍ବା ଲେବର କାର୍ଡ଼ ହେଉ କୌଣସି ଯୋଜନା ଏମାନଙ୍କ ପାଖରେ ପହଞ୍ଚି ପାରିନାହିଁ। ଏଭଳି ଅନେକ ସମସ୍ୟା ନେଇ ଅତି ଦୟନୀୟ ଅବସ୍ଥାରେ ଚଳନ୍ତି ଏହି ଗ୍ରାମର ଶତାଧିକ ଲୋକମାନେ। ଏ ନେଇ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର କହିଛନ୍ତି, ଉପରୋକ୍ତ ଉପାନ୍ତ ଗ୍ରାମଗୁଡିକରେ ଖୁବଶୀଘ୍ର ବିଦ୍ୟୁତ ସଂଯୋଗ ବ୍ୟବସ୍ଥା କରାଯିବ। ରାସ୍ତା ପାଇଁ ଜିଲାପାଳଙ୍କ ସହ କଥା ହେବେ ବୋଲି କହିଛନ୍ତି। ଗ୍ରାମଗୁଡ଼ିକ ପାହାଡ଼ିଆ ରାସ୍ତା ହୋଇଥିବାରୁ ଏହାର ଉନ୍ନତୀକରଣ କରାଯାଇପାରିନାହିଁ। ଖୁବଶୀଘ୍ର ସମସ୍ୟା ସମାଧାନ ହେବ। କୋଏରମାଣ୍ଡୁ ସରପଞ୍ଚ ପଦ୍ମାବତୀ କହଁର, ବ୍ଲକ ଉପାଧ୍ୟକ୍ଷ ସସ୍ମିତା ଦିଗାଳ,୩ ନଂ ୱାର୍ଡ଼ ସଭ୍ୟା ସାଇବାଣୀ ବଗର୍ତ୍ତୀ, ସିନ୍ଦୁରା କହଁର, ରାଇଜନ କହଁରଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲାପାଳଙ୍କୁ ସାକ୍ଷାତ କରି ଦାବି ପତ୍ର ପ୍ରଦାନ କରିଛନ୍ତି। ଖୁବଶୀଘ୍ର ଗ୍ରାମଗୁଡିକୁ ବିଜୁଳି ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବା ସହିତ ରାସ୍ତା କାମପାଇଁ ଯୋଜନା ପ୍ରସ୍ତୁତ ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ । ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଚେକ୍‌ଡ୍ୟାମ୍ ପୁନରୁଦ୍ଧାର କାମ ଦେଖିଲେ ବିଧାୟକ


ବିଧାୟକ ସାଲୁଗା ପ୍ରଧାନ ଡ୍ୟାମ୍ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖୁଛନ୍ତି।

**ଦାରିଙ୍ଗବାଡି,୧୧।୩(ଡି.ଏନ.ଏ)**

ଗତ ୨୦ ବର୍ଷ ତଳେ ନିର୍ମାଣ ହୋଇଥିବା ସିରୁପିଯୋଡି ଏବଂ ଡବୁଲୁମାହା ଡ୍ୟାମ୍‌ର ପୁନରୁଦ୍ଧାର କାମ ସ୍ଥାନୀୟ ବ୍ଲକ ପ୍ରଶାସନ ହାତକୁ ନେଇଛି। ଏଥିପାଇଁ ୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବାବେଳେ ଏହିଅର୍ଥ ବ୍ଲକ ପ୍ରଶାସନର ସୁଧ ଅର୍ଥରୁ ଖର୍ଚ୍ଚ କରାଯାଉଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ବବୃବାନ ବେହେରା କହିଛନ୍ତି। ଦାରିଙ୍ଗବାଡିକୁ ଆସୁଥିବା ପର୍ଯ୍ୟଟକ ଡ୍ୟାମ୍ ନିକଟରେ ବଣଭୋଜି କରିବା ସହ ସମୟ ବିତାଇପାରିବେ। ସେହିପରି ଉକ୍ତ ଡ୍ୟାମ୍‌ର ଜଳକୁ ତେରାବାଡି ସମେତ ଡବୁଲମାହା, ସିମନବାଡି ପର୍ଯ୍ୟନ୍ତ ଚାଷ ଜମିକୁ ପହଞ୍ଚାଇବା ଲକ୍ଷ ରଖାଯାଇଛି। ପୂର୍ବରୁ ଡବୁଲମାହା ପର୍ଯ୍ୟନ୍ତ ଜଳ ଆସୁଥିବାବେଳେ ରକ୍ଷଣାବେକ୍ଷଣ ଅଭାବରୁ ଡ୍ରେନ ଭାଙ୍ଗିରୁଜି ଯାଇଛି। କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ଏବଂ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ ଏହି ଡ୍ୟାମ୍‌ର ପୁନରୁଦ୍ଧାର ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦେଇଛନ୍ତି। ଡ୍ୟାମର ହିଡକୁ ପ୍ରାୟ ୧ମିଟର ପର୍ଯ୍ୟନ୍ତ ଉଚ୍ଚତା କରାଯିବା ସହ ପଙ୍କୋଦ୍ଧାର, ଡ୍ୟାମକୁ ଯାତାୟତ ପାଇଁ ରାସ୍ତା ନିର୍ମାଣ ଆଦି କାର୍ଯ୍ୟ କରାଯାଉଛି ବୋଲି କୁହାଯାଇଛି। ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ବୁଧବାର ପହଞ୍ଚି ପରିଦର୍ଶନ କରିଛନ୍ତି। ଏଥିସହ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ବ୍ଲକ ପ୍ରଶାସନ ସହ ଆଲୋଚନା କରିଛନ୍ତି।

# ମାଛରୁ ପୋକ ବାହାରିବା ଭିଡିଓ ଭାଇରାଲ



**ଦାରିଙ୍ଗବାଡ଼ି,୧୧।୩(ଡି.ଏନ୍.ଏ.)**-ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଦାରିଙ୍ଗବାଡି ମାର୍କେଟରୁ ମାଛ କିଣିନେବା ପରେ ତାକୁ ମସଲା ଆଦି ଦେଇ ମ୍ୟାରିନେଟ କରି ରଖିଥିଲେ। କିଛି ସମୟ ପରେ ଏକ ଲମ୍ବା ଜିଆ ଭଳି ପୋକ ମାଛ ଭିତରୁ ବାହାରୁଥିବା ସେ ଦେଖିବାକୁ ପାଇଥିଲେ। ଏହାର ଏକ ଭିଡିଓ ଶୁଟିଂ କରି ସେ ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଅପ୍‌ଲୋଡ କରିଥିଲେ। ଲୋକଙ୍କୁ ଏଭଳି ମାର୍କେଟରୁ ମାଛ ନ ଆଣିବାକୁ ପରାମର୍ଶ ଦେଇ ସେ କ୍ୟାପ୍‌ସନ୍ ଲେଖିଥିଲେ। ତେବେ ସେ କେଉଁଠୁ ଓ କାହା ପାଖରୁ ଏହି ମାଛ କିଣିଛନ୍ତି ତାହା ସ୍ପଷ୍ଟ କରିନାହାନ୍ତି। କରୋନା ଭାଇରସ୍ ନେଇ ଲୋକେ ଭୟଭୀତ ହୋଇ ରହିଥିବାବେଳେ ଏଭଳି ଭିଡିଓ ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମାର୍କେଟରେ ପଚାସଢା ମାଛ ଓ ମାଂସ ବିକ୍ରି କରାଯାଉଥିଲେ ସୁଦ୍ଧା ସ୍ୱାସ୍ଥ୍ୟବିଭାଗ ତଦାରଖ ନ କରିବା ନେଇ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏନେଇ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି ଯେ, ସେ ଏଣିକି ମାଛ ମାର୍କେଟ ସହ ବିଭିନ୍ନ ମାଂସ କଟା ହେଉଥିବା ଦୋକାନ ଯାଇ ନିଜେ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# ହୋଲି ଛାଡ଼ି ଡ୍ରେନ୍ ସଫା କଲେ ଯୁବଗୋଷ୍ଠୀ

**ଭଞ୍ଜନଗର,୧୧।୩(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଲଣ୍ଡେଇସାହିର ଯୁବଗୋଷ୍ଠୀ ମଙ୍ଗଳବାର ହୋଲି ଉତ୍ସବକୁ ଭୁଲି ଡ୍ରେନ୍ ସଫେଇ କରିଛନ୍ତି। ଲଣ୍ଡେଇସାହି ମୁଖ୍ୟରାସ୍ତା କଡ଼ ଡ୍ରେନରେ ମଇଳା ଭରି ରହିଥିଲା। ପଞ୍ଚାୟତ ପକ୍ଷରୁ ଡ୍ରେନ ନିୟମିତ ସଫେଇ କରିବା ବ୍ୟବସ୍ଥା ନାହିଁ। ତେଣୁ ଡ୍ରେନରୁ ମଇଳା ବାହାରି ପାରୁ ନ ଥିଲା। ବର୍ଷା ହେଲେ ଡ୍ରେନ୍‌ର ମଇଳା ପାଣି ରାସ୍ତାରେ ଭାସୁଥିଲା। ଫଳରେ ଯାତାୟାତରେ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ତେବେ ବର୍ତ୍ତମାନ କରୋନା ଆତଙ୍କ ଦେଖାଦେଇଥିବାରୁ ଯୁବଗୋଷ୍ଠୀ ଡ୍ରେନ୍ ସଫେଇ କରିଥିଲେ।

# ସେବା ସହ ତାଲିମ ପ୍ରଦାନ କରିବ ଆମ୍ବୁଲାନ୍ସ

**ଫୁଲବାଣୀ ଅଫିସ, ୧୧।୩**

ଭାରତୀୟ ରେଡ୍‌କ୍ରସ୍ ରାଜ୍ୟ ଶାଖା ପ୍ରାୟ ୩ ବର୍ଷ ହେଲା କନ୍ଧମାଳ ଜିଲାର ଗ୍ରାମାଞ୍ଚଳରେ ବିଭିନ୍ନ ସେବା ଯୋଗାଇ ଆସୁଛି। ଲାଇଭଲିହୁଡ୍ କାର୍ଯ୍ୟକ୍ରମ ଜରିଆରେ ଗ୍ରାମାଞ୍ଚଳର ଚାଷୀମାନଙ୍କୁ ବିଭିନ୍ନ ଚାଷ ଲାଗି ସହାୟତା ଯୋଗାଇ ଆସୁଥିବା ବେଳେ ସେମାନଙ୍କୁ କୃଷି ବିଭାଗ ଦ୍ୱାରା ବୈଷୟିକ ତାଲିମ ପ୍ରଦାନ କରୁଛି। ରାଜ୍ୟରେ ଥିବା ସେଣ୍ଟଜନ ଆମ୍ବୁଲାନ୍ସ ମଧ କନ୍ଧମାଳ ଜିଲାରେ କାର୍ଯ୍ୟ କରିବ। ବିଭିନ୍ନ ପ୍ରକାର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଜରିଆରେ ଜିଲାବାସୀଙ୍କୁ ସେବା ଯୋଗାଇବ ବୋଲି ଜିଲା ଗସ୍ତରେ ଆସିଥିବା ସେଣ୍ଟଜନ୍ ଆମ୍ବୁଲାନ୍ସର ରାଜ୍ୟ ସମ୍ପାଦକ ସନତ କୁମାର ପଟ୍ଟନାୟକ କହିଛନ୍ତି। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କୁ ସେ ସାକ୍ଷାତ କରି ଏ ସମ୍ପର୍କରେ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ବାଲିଗୁଡା ଉପଖଣ୍ଡ ପୋଲିସ ଅଧିକାରୀ ମାନସ ରଞ୍ଜନ ବାରିକ, ସେଣ୍ଟଜନ୍ ଆମ୍ବୁଲାନ୍ସର ସ୍ୱେଚ୍ଛାସେବୀ ତୋଫାନ କୁମାର ସ୍ୱାଇଁ, ଫୁଲବାଣୀର ସ୍ୱେଚ୍ଛାସେବୀ ପ୍ରଶାନ୍ତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସେଣ୍ଟଜନ୍ ଆମ୍ବୁଲାନ୍ସ ଦ୍ୱାରା ଜିଲାରେ ଥିବା କେତେଜଣ ସ୍ୱେଚ୍ଛାସେବୀ, ବସ କଣ୍ଡକ୍ଟର, ଗ୍ରାମାଞ୍ଚଳରେ କାର୍ଯ୍ୟରତ ପୋଲିସ କର୍ମଚାରୀ ଓ ହୋମଗାର୍ଡମାନଙ୍କୁ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ତାଲିମ ପ୍ରଦାନ କରାଯିବ। ଜିଲାର ଥାନା ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକୁ ଫାଷ୍ଟଏଡ କିଟ୍ ଲୋକଙ୍କ ସେବା ପାଇଁ ଯୋଗାଇ ଦିଆଯିବ ବୋଲି ସେଣ୍ଟଜନ୍ ଆମ୍ବୁଲାନ୍ସର ସମ୍ପାଦକ କହିଛନ୍ତି। ସେହିପରି କର୍ମଜୀବି ମହିଳା ଏବଂ ଯୁବତୀମାନଙ୍କୁ ହୋମ ସର୍ଭିସିଂ ତାଲିମ ପ୍ରଦାନ କରାଯିବାର ମଧ ବ୍ୟବସ୍ଥା କରାଯିବ।

# ଡାଲା ଅଟୋ-ବାଇକ୍ ଧକ୍କା: ଜଣେ ମୃତ, ୭ ଆହତ

**ଆସିକା,୧୧।୩(ଡି.ଏନ୍.ଏ.)**

ଆସିକା-ଭଞ୍ଜନଗର ମୁଖ୍ୟ ରାସ୍ତାର ଗାଙ୍ଗପୁର ଥାନା ନିମିନା ଗ୍ରାମ ନିକଟରେ ସୋମବାର ରାତିରେ ଏକ ଡାଲା ଅଟୋ ସହ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ଜଣ ଆହତ ହୋଇଛନ୍ତି। ମୃତକ ବାଇକ୍ ଆରୋହୀ ହେଲେ ଦଣ୍ଡପାଣି ସେଠୀ (୫୫)। ପୀତବାସ ଡାକୁଆ, ସନିଆ ସାହୁ, ଆଲୋକ ରାଉତ, ତ୍ରିଲୋଚନ ସାହୁ, ଶ୍ରୀଧର ସାହୁ, ଶିବ ସାହୁ, ଅଳିଆ ସାହୁ ଆହତ ହୋଇଥିଲେ। ଦଣ୍ଡପାଣି ନିଜ ବାଇକ୍‌ରେ ଆସୁଥିବା ବେଳେ ଡାଲାଅଟୋ ସହ ଧକ୍କା ହୋଇଥିଲେ। ଫଳରେ ତାଙ୍କ ସହ ଡାଲାଅଟୋରେ ଥିବା ଅନ୍ୟମାନେ ଆହତ ହୋଇଥିଲେ। ସମସ୍ତଙ୍କୁ ଉଦ୍ଧାର କରାଯାଇ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦଣ୍ଡପାଣିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତ୍ରିଲୋଚନ ଓ ଅଳିଆଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବରପାଇ ଗାଙ୍ଗପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ନଂ. ୫୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ବନ କର୍ମଚାରୀଙ୍କୁ ଆକ୍ରମଣ ଘଟଣା: ଜେଲ ଗଲେ ଅଭିଯୁକ୍ତ

**ଦିଗପହଣ୍ଡି,୧୧।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ବିଜୟ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବନମାଳୀ ଗାଁର ଜଣେ ବନ କର୍ମଚାରୀଙ୍କୁ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ସମ୍ପୃକ୍ତ ବନମାଳୀ ଗ୍ରାମର କାଳିଆ ସାହୁଙ୍କୁ କେ.ନୂଆଗାଁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ମାମଲା ନଂ.୫୭/୨୦ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି।

ତଦନ୍ତକାରୀ ଅଧିକାରୀ ନୂଆପଡ଼ା ଫାଣ୍ଡି ଏଏସ୍‌ଆଇ କ୍ଷୀରୋଦ ଚନ୍ଦ୍ର ବେହେରାଙ୍କ ସୂଚନାନୁସାରେ, ଗତ ରବିବାର ମହିଳା ବନରକ୍ଷୀ ଅଶ୍ୱିନୀ କୁମାରୀ ନାହାକଙ୍କ ସହ ପାରା ବନ କର୍ମଚାରୀ ଗୁରୁନାଥ ଗୌଡ଼ ବନମାଳୀ ଗ୍ରାମରେ ପାଟ୍ରୋଲିଂ କରୁଥିବା ବେଳେ କାଳିଆ ଚୋରା କାଠ ବିକ୍ରି ପାଇଁ ମହଜୁଦ ରଖିଥିବା ଜଣାପଡିଥିଲା। ଗୁରୁନାଥ ଏ ନେଇ କାଳିଆଙ୍କୁ ପଚାରିବାରୁ କାଳିଆ ଉତ୍ତେଜିତ ହୋଇ ଏକ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ମାଡ଼ ମାରିଥିଲେ। ପ୍ରତିବାଦ କରିବାରୁ ମହିଳା ବନରକ୍ଷୀ ଅଶ୍ୱିନୀ କୁମାରୀଙ୍କୁ କାଳିଆଙ୍କ ମା'କାଟି ଧରି ଆକ୍ରମଣ ପାଇଁ ଉଦ୍ୟମ କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି। ବନରକ୍ଷୀଙ୍କ ଏତଲାକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ଠେଙ୍ଗାକୁ ଜବତ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ କହିଛନ୍ତି।

# ମା' ବ୍ରାହ୍ମଣୀଦେବୀ ପୀଠରେ ପଣାପର୍ବ ଆରମ୍ଭ

## ଚୈତ୍ର ପ୍ରଥମ ମଙ୍ଗଳବାର


ମା' ବ୍ରାହ୍ମଣୀଦେବୀ ପୀଠରେ ପୂଜାର୍ଚ୍ଚନା।

**ଖଜୁରିପଡା,୧୧।୩(ଡି.ଏନ.ଏ.)**

ଫୁଲବାଣୀସ୍ଥିତ ପ୍ରସିଦ୍ଧ ଠାକୁରାଣୀ ମା' ବ୍ରାହ୍ମଣୀଦେବୀ ପୀଠରେ ଚୈତ୍ରମାସ ପଣାପର୍ବ ଆରମ୍ଭ ହୋଇଯାଇଛି। ପ୍ରଥମ ମଙ୍ଗଳବାରରେ ହୋଲି ଉତ୍ସବ ଥିଲେ ମଧ ବ୍ରାହ୍ମଣୀଦେବୀ ପୀଠରେ ପଣା ଢାଳିବା ଓ ପୂଜାର୍ଚ୍ଚନା କରିବାରେ ଶ୍ରଦ୍ଧାଳୁମାନଙ୍କ ପ୍ରବଳ ଭିଡ଼ ଜମିଥିଲା। ଦେହୁରୀ ଗୌତମ କହଁର ମା'ଙ୍କ ମନ୍ଦିରକୁ ଆସିବା ପୂର୍ବରୁ ମହିଳା ଭକ୍ତମାନେ ମନ୍ଦିରରେ ଭୋରରୁ ଆସି ଅପେକ୍ଷା କରିଥିଲେ। ଦେହୁରୀ ଆସିବା ପରେ ଅଧିକ ଭିଡ ଦେଖିବାକୁ ମିଳିଥିଲା। ଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଥିଲା। ମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ସଭାପତି ଲକ୍ଷ୍ମୀନାରାୟଣ ଦୋରା, ସାଧାରଣ ସମ୍ପାଦକ ବୈଦ୍ୟନାଥ ବେହେରା, ବରିଷ୍ଠ ଉପଦେଷ୍ଟା ସୂର୍ଯ୍ୟନାରାୟଣ ମହାପାତ୍ର, ସଦସ୍ୟ ବଳଭଦ୍ର ପାଣିଗ୍ରାହୀ ଓ ସହସମ୍ପାଦକ ସନ୍ଦୀପ ମହାନ୍ତି ପ୍ରମୁଖ ଦାୟିତ୍ୱ ପରିଚାଳନା କରିଥିଲେ।

# ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

**ଦାରିଙ୍ଗବାଡ଼ି/ ରାଇକିଆ,୧୧।୩(ଡି.ଏନ.ଏ)**

ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଘୋଷଣା ସହ ମହାନଦୀର ଜଳ ଆବଣ୍ଟନ ସମସ୍ୟା ସମାଧାନ ଏବଂ ପୋଲାଭରମ୍ ପ୍ରକଳ୍ପ ବନ୍ଦ କରିବା ଦାବିରେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଅଞ୍ଚଳର ସତ୍ୟବ୍ରତ ଦାସ (୨୯) ପଦଯାତ୍ରା ଆରମ୍ଭ କରିଛନ୍ତି। ବିଭିନ୍ନ ବ୍ଲକରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରୁଛନ୍ତି। ସୋମବାର ଦାରିଙ୍ଗବାଡ଼ି ବ୍ଲକରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୨୦୧୯ ଜୁଲାଇ ୧୦ରୁ ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ସତ୍ୟବ୍ରତ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ରାଜ୍ୟର ୩୧୪ ବ୍ଲକକୁ ଗସ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ୧୬ ଜିଲାରେ ୪ ହଜାର ୮ଶହ କି.ମି. ପଦଯାତ୍ରା ଶେଷ ହୋଇଥିବା ବେଳେ ଦାରିଙ୍ଗବାଡ଼ି ବ୍ଲକକୁ ମିଶାଇ ମୋଟ ୧୬୦ ବ୍ଲକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିସାରିଛନ୍ତି। ମହାନଦୀ ଜଳ ରାଜ୍ୟର ଲକ୍ଷାଧିକ ଲୋକଙ୍କ ଜୀବନଜୀବିକାକୁ ପ୍ରଭାବିତ କରୁଥିବାରୁ ଏହାକୁ ସମାଧାନ କରିବା ଏବଂ ପୋଲାଭରମ୍ ପ୍ରକଳ୍ପ ଯୋଗୁ ମାଲକାନଗିରି ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହୋଇଯିବ, ଯାହାଦ୍ୱାରା ବହୁ ଜନଜାତି ବାସହରା ହେବେ ତେଣୁ ଏହାକୁ ବନ୍ଦ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ଏହାପରେ ସିମନବାଡିରେ ସଚେତନତା କରିଥିଲେ। ପ୍ରକାଶ ଯେ, ସତ୍ୟବ୍ରତ ରବିବାର ଅପରାହ୍ନରେ ଦାରିଙ୍ଗବାଡ଼ିରେ ପହଞ୍ଚିଥିଲେ। ସେଠାରେ ରାତିରେ ରହିବା ପରେ ସୋମବାର ସ୍ଥାନୀୟ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇଙ୍କ ଅନୁପସ୍ଥିତିରେ କନିଷ୍ଠଯନ୍ତ୍ରୀ ତୁଷାର ସେଠୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ମଙ୍ଗଳବାର ରାଇକିଆରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିବା ପରେ ଜି.ଉଦୟଗିରି ଅଭିମୁଖେ ବାହାରିଛନ୍ତି।

## ୧୬ ଜିଲାର ୧୬୦ ବ୍ଲକ ଅତିକ୍ରମ, ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




# ସରପଞ୍ଚଙ୍କ ଗିରଫ ପ୍ରତିବାଦରେ ଭାଜପାର ଶୋଭାଯାତ୍ରା

**ଭଞ୍ଜନଗର,୧୧।୩(ଡି.ଏନ.ଏ)**


ଭାଜପା ନେତାମାନେ ଦାବିପତ୍ର ଦେଇ ଫେରୁଛନ୍ତି।

ଚାଉଳ ଓ ଗହମ ହେର୍‌ଫେର ମାମଲାରେ ପୋଲିସ ଭଞ୍ଜନଗର ବ୍ଲକ ମୁଜାଗଡ଼ ସରପଞ୍ଚ ଶିବଶଙ୍କର ପ୍ରଧାନଙ୍କୁ ରବିବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ଅପରାହ୍ନରେ ଭାଜପା ପକ୍ଷରୁ ଏକ ଶୋଭାଯାତ୍ରା କରାଯାଇ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିବଶଙ୍କରଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଇଛି, ହେର୍‌ଫେର ମାମଲାରେ ସେ ସମ୍ପୃକ୍ତ ନାହାନ୍ତି। ତେଣୁ ତାଙ୍କ ବିରୋଧରେ ହୋଇଥିବା ମାମଲା ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ଆଗାମୀ ଦିନରେ ଭାଜପା ଆନ୍ଦୋଳନ କରିବ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

## ଚାଉଳ, ଗହମ ହେର୍‌ଫେର ମାମଲା

ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ, ସନ୍ତୋଷ ତିଆଡ଼ି, ସମିର ନାୟକ, ମାଟିଆ ନାୟକ, ସନ୍ତୋଷ ପାଳ, ଲେଲିନ ରାଉତ, ବେଲଗୁଣ୍ଠାର ବରିଷ୍ଠ ନେତା ରଞ୍ଜନ ରାଉତ, ଅଭିମନ୍ୟୁ ଭୂୟାଁ, ବିଷ୍ଣୁ ପ୍ରସାଦ ପ୍ରଧାନ, ମାନସ ଜେନା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମୁଜାଗଡ଼ ପଞ୍ଚାୟତର ଚାଉଳ ହେର୍‌ଫେର ହୋଇଥିବା ନେଇ ଗତ ଶନିବାର ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବିଡିଓଙ୍କ ନିର୍ଦ୍ଦେଶରେ ବ୍ଲକ ଯୋଗାଣ ଅଧିକାରୀ ଘଟଣାର ତଦନ୍ତ କରିବା ପରେ ପ୍ରାୟ ୨ଲକ୍ଷ ଟଙ୍କାର ଗହମ ଓ ଚାଉଳ ହେରଫେର୍ ହୋଇଥିବା ଜଣାପଡ଼ିଥିଲା। ଏ ନେଇ ବିଡିଓ ସରପଞ୍ଚ, ପିଇଓ ଏବଂ ଯୋଗାଣ ସହାୟକଙ୍କ ବିରୋଧରେ ଭଞ୍ଜନଗର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ନଂ. ୯୯/୨୦ରେ ମାମଲା ରୁଜୁ କରି ସରପଞ୍ଚଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତଙ୍କ ସମ୍ପର୍କରେ ତଦନ୍ତ ଚଳାଇଛି।

# ଏମ୍‌କେସିଜି ମେଡିକାଲ ବିକାଶ ପାଇଁ ହେଉ ସ୍ୱତନ୍ତ୍ର ଯୋଜନା

ବ୍ରହ୍ମପୁର ଅଫିସ,୧୧।୩

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ବୁଧବାର ବ୍ରହ୍ମପୁରସ୍ଥ ଦକ୍ଷିଣାଞ୍ଚଳ ଆରଡିସିଙ୍କ ଅଫିସ ଆଗରେ ବିକ୍ଷୋଭ କରାଯାଇଥିଲା। ଜିଲାର ପ୍ରମୁଖ ସହର ରେଶମ ନଗରୀ ପ୍ରତି ସରକାରୀ ଅବହେଳାର ପ୍ରତିବାଦ ଏବଂ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍‌ପିଟାଲକୁ ବିଶ୍ୱସ୍ତରୀୟ ଚିକିତ୍ସାଳୟରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ବହୁ କୋଟି ଟଙ୍କା ବିନିଯୋଗରେ ଯୋଜନା କରିଛନ୍ତି। ତେବେ ଦକ୍ଷିଣ ଓଡ଼ିଶାର ଏକମାତ୍ର ରେଫରାଲ ହସ୍‌ପିଟାଲ ଏମ୍‌କେସିଜି ପ୍ରତି ଅଣଦେଖା କରିଥିବାର ପ୍ରତିବାଦ ଏବଂ କଟକ ଭଳି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାର ବହୁମୁଖୀ ବିକାଶ ନେଇ ଏହି ଆନ୍ଦୋଳନ ସୂତ୍ରପାତ ହୋଇଥିଲା।

ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଜିଲା ସଭାପତି କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମୀ ଆରଡିସିଙ୍କ ଅଫିସ ଆଗରେ ଏକାଠି ହୋଇଥିଲେ। ବିଭିନ୍ନ କ୍ଷେତ୍ରରେ ଗଞ୍ଜାମ ଜିଲା ପ୍ରତି ସରକାରୀ ଅବହେଳା ବିରୋଧରେ ନାରାବାଜି କରିଥିଲେ। ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ପ୍ରସ୍ତାବିତ ଲଗାମଛଡ଼ା ହୋଲଡିଂ ଟିକସ ବୃଦ୍ଧି କାର୍ଯ୍ୟକାରୀ ନ କରିବା ଏବଂ ଷ୍ଟାଣ୍ଡପୋଷ୍ଟ ପାଇପ ପାଣି ପାଇଁ ନିଗମ ହୋଲଡିଂ ଟିକସ ସହ ଆଦାୟ କରୁଥିବା ଜଳକର ବନ୍ଦ ପାଇଁ ଦାବି କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ଆରଡିସିଙ୍କୁ ପ୍ରଦାନ କରାଯାଇଥିଲା।

ରାଜ୍ୟର ଅନ୍ୟ ମହାନଗର ନିଗମ ଅପେକ୍ଷା ବ୍ରହ୍ମପୁରରେ କେବଳ ହୋଲଡିଂ ନୁହେଁ ସମସ୍ତ ଟିକସ ମାତ୍ରାଧିକ ବୃଦ୍ଧି ପାଇଥିବା ଦର୍ଶାଯାଇଛି। ଜମି କିଣା ବିକାରେ ମଧ ବେଞ୍ଚ ମାର୍କ ଭାଲ୍ୟୁଏସନ ବଢ଼ାଇ ଲୋକଙ୍କୁ ଶୋଷଣ କରାଯାଉଛି। ସେହିପରି ନିର୍ବାଚନ ବେଳେ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରୁଛନ୍ତି। କିନ୍ତୁ ଭୋଟ ସରିବା ପରେ ପ୍ରତିଶ୍ରୁତି ଭୁଲି ମହାନଗରବାସୀଙ୍କୁ ପ୍ରତାରଣା କରୁଥିବା ଭାଜପା ସମାଲୋଚନା କରିଛି। ବିଏମ୍‌ସି ସଫେଇ ଟିକସ ବନ୍ଦ ପାଇଁ ମଧ ଦାବି କରାଯାଇଛି। ଉପରୋକ୍ତ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା।

ବିକ୍ଷୋଭ ସମାବେଶରେ ଜିଲା ସଂଗଠନ କାର୍ଯ୍ୟକର୍ତ୍ତା ସୁନୀଲ କୁମାର ସାହୁ, ଗୋପୀନାଥ ପଣ୍ଡା, ପ୍ରଭାତ ଷଡ଼ଙ୍ଗୀ, ରାଜେଶ ସାହୁ, ଶରତ ସାହୁ, ପ୍ରଶାନ୍ତ କର, ଜିଲା ପରିଷଦ ସଭ୍ୟ ଏଲ. ମୋହନ ଦାସଙ୍କ ସମେତ ରାମ କୁମାର ପାତ୍ର, ମହିଳା ମୋର୍ଚ୍ଚା ନେତ୍ରୀ ଏସ୍. ରାଣୀ, ସୁବାସିନୀ ପଟ୍ଟନାୟକ, ନମିତାରାଣୀ ପଣ୍ଡା, ସୁନିଲ ପାତ୍ର, ସିଦ୍ଧାନ୍ତ ଗଂଗଦେବ, ଶିବ ଶଙ୍କର ନାୟକ ଓ ମଦନ ପାତ୍ର ପ୍ରମୁଖ ସାମିଲ ହୋଇଥିଲେ।



ଆର୍‌ଡିସିଙ୍କ ଅଫିସ ଆଗରେ ଗଞ୍ଜାମ ଜିଲା ଭାଜପାର ବିକ୍ଷୋଭ।

- ଆର୍‌ଡିସିଙ୍କ ଅଫିସ ଆଗରେ ଭାଜପାର ବିକ୍ଷୋଭ
- ବିଏମ୍‌ସିର ହୋଲ୍‌ଡିଂ ଟିକସ ବୃଦ୍ଧି ପ୍ରସ୍ତାବ ବନ୍ଦ ଦାବି
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ହେଉନି କାର୍ଯ୍ୟକାରୀ

## ସଂକ୍ଷେପରେ

### ଯୁକ୍ତ ୨ ପରୀକ୍ଷା : ଗଣିତରେ ୯ ମାଲପ୍ରାକ୍ଟିସ୍

### ସ୍କ୍ୱାଡ୍‌ଙ୍କ ଉପରକୁ ଜୋତା ଫିଙ୍ଗିଲେ ପରୀକ୍ଷାର୍ଥୀ

ବ୍ରହ୍ମପୁର ଅଫିସ,୧୧।୩: ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାର ବୁଧବାର ପଞ୍ଚମ ଦିନ ବିତିଛି। ଯୁକ୍ତ ୨ କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ଗଣିତ ଓ କଳାର ଗୃହ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ କପି ଅଭିଯୋଗରେ ଦକ୍ଷିଣାଞ୍ଚଳର ବିଭିନ୍ନ ପରୀକ୍ଷା କେନ୍ଦ୍ରର ୯ ପରୀକ୍ଷାର୍ଥୀ ଜୋନାଲ ସ୍କ୍ୱାଡ୍ ହାତରେ ଧରାପଡିଥିବା ଜଣାପଡିଛି। ସେଥିମଧ୍ୟରେ କେବଳ ଗଞ୍ଜାମ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ୬ ମାଲପ୍ରାକ୍ଟିସ୍‌ରେ ବୁକ ହୋଇଥିବା ସୂଚନା ମିଳିଛି। ତନ୍ମଧ୍ୟରେ ଭଞ୍ଜନଗର ସ୍ଥିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଉଚ୍ଚ ମାଧମିକ ବିଦ୍ୟାଳୟର ୫ ପରୀକ୍ଷାର୍ଥୀ କପି ଅଭିଯୋଗରେ ମାଲ ପ୍ରାକ୍ଟିସ୍‌ରେ ବୁକ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଉତ୍‌କ୍ଷିପ୍ତ ହୋଇ ଜଣୈକ ସ୍କ୍ୱାଡ୍‌ଙ୍କ ଉପରକୁ ଜୋତା ଫିଙ୍ଗିଥିବା ଜଣାପଡିଛି। କ୍ଷତ୍ରୀୟବରପୁର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ୍ ହୋଇଛନ୍ତି। ସେହିପରି ଗଜପତି ଜିଲା କାଶୀନଗର ଶ୍ରୀରାମ ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ବିଜ୍ଞାନ ପରୀକ୍ଷାର୍ଥୀ ଜିଲାସ୍ତରୀୟ ସ୍କ୍ୱାଡ୍ ହାତରେ ଧରାପଡି ବୁକ୍ ହୋଇଥିବା ବେଳେ କୋରାପୁଟ ଜିଲା ଲକ୍ଷ୍ମୀପୁର ଉଚ୍ଚ ମାଧମିକ ବିଦ୍ୟାଳୟ କେନ୍ଦ୍ର କୁମ୍ଭାରିପୁଟ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ଓ କୋରାପୁଟ ଜିଲା ବୁର୍ଜା ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ ମାଲପ୍ରାକ୍ଟିସ୍‌ରେ ବୁକ ହୋଇଥିବା ଉଚ୍ଚ ମାଧମିକ ଶିକ୍ଷା ପରିଷଦ ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି। ତେବେ ଦକ୍ଷିଣାଞ୍ଚଳର କନ୍ଧମାଳ, ବୌଦ୍ଧ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ଜିଲାରୁ କୌଣସି ମାଲପ୍ରାକ୍ଟିସ୍ ରିପୋର୍ଟ ହସ୍ତଗତ ହୋଇ ନ ଥିବା ଡ. ଓଝା ସୂଚନା ଦେଇଛନ୍ତି।

### କରୋନା ସଂକ୍ରମଣରୁ ସୁରକ୍ଷା ପାଇଁ ସଚେତନତା ଶୋଭାଯାତ୍ରା

ପାଟପୁର,୧୧।୩: କରୋନା ଭାଇରସ ଭାରତରେ କାୟା ବିସ୍ତାର କରିବାରେ ଲାଗିଛି। ଏହାଠାରୁ ଦୂରେଇ ରହିବା ପାଇଁ ସରକାରୀ ଓ ବେସରକାରୀ ସ୍ତରରେ ଆରମ୍ଭ ହୋଇଯାଇଛି ସଚେତନତା। ତେବେ କରୋନା ଭାଇରସ ସଂକ୍ରମଣରୁ ସୁରକ୍ଷା ପାଇଁ ସାନଖେମୁଣ୍ଡି ବ୍ଲକ ଏସ.ଗୋପାଳପୁର ନୋଡାଲ ହାଇସ୍କୁଲର ସ୍କାଉଟ୍ ଛାତ୍ରଙ୍କୁ ନେଇ ବୁଧବାର ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏସ୍.ଗୋପାଳପୁର ନୋଡାଲ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମିତା କୁମାର ବାଡତ୍ୟାଙ୍କ ନେତୃତ୍ୱରେ ସଚେତନତା ରାଲିରେ ବିଦ୍ୟାଳୟର ସ୍କାଉଟ୍ ଶିକ୍ଷକ ଦୁର୍ଗାମାଧବ ପାତ୍ର ଓ ସ୍କାଉଟ୍ ଛାତ୍ରମାନେ ଗାଁ ପରିକ୍ରମା କରି ପ୍ରଚାରପତ୍ର ଦେଇ ଲୋକଙ୍କୁ ସଚେତନ କରିଥିଲେ।

## ମନ୍ଦିର, କଲେଜ ନିକଟରେ ମଦ ବିକ୍ରି: ବଢୁଛି ଅସନ୍ତୋଷ

କବିସୂର୍ଯ୍ୟନଗର,୧୧।୩

ସ୍ଥାନୀୟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା କେତେକ ହୋଟେଲରେ ଖୁଲମ୍‌ଖୁଲା ବିଦେଶୀ ମଦ ବିକ୍ରି ହେଉଛି। ସଞ୍ଜ ନଇଁଲେ ଏଠାରେ ବେଶ୍ ଭିଡ ଜମୁଛି। ଏପରିକି ରାଜ୍ୟ ରାଜପଥ-୩୦ ଉପରେ ଗାଡିରଖି ମଦ୍ୟପାନ ପାଇଁ ଚାଲିଯାଉଥିବାରୁ ଗୁରୁତର ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ବାହାରେ ଭୋଜନାଳୟ ଫଳକ ଝୁଲୁଥିବାବେଳେ ଭିତରେ ବେଆଇନ ଭାବେ ଖୋଲାଖୋଲି ମଦ ବିକ୍ରି ହେଉଛି। ଏହି ଦୋକାନୀମାନଙ୍କୁ ରାଜନେତା ଓ ପୋଲିସ ପ୍ରଶାସନର ସୁରକ୍ଷା ଥିବାମଧ ଆଲୋଚନା ହେଉଛି। ଛକ ନିକଟରେ ତ୍ରିନାଥ ମନ୍ଦିର, କବିସୂର୍ଯ୍ୟ ବଳଦେବ କଲେଜ, ଗୌଡ଼ ୟୁପି ସ୍କୁଲ, ପିଡବ୍ଲ୍ୟୁଡି ଅଫିସ, ସିଡିପିଓ ଅଫିସ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ପ୍ରାୟ ୫୦ ମିଟର ଦୂରରେ ରହିଛି। ଦେବାଳୟ ଓ ଶିକ୍ଷାନୁଷ୍ଠାନ ନିକଟରେ ମଦ ବିକ୍ରି ବାରଣ ଥିଲେ ମଧ ଏହାକୁ ଖାତିର ନାହିଁ। ଏନେଇ ପୋଲିସ ବିଭାଗ ଓ ଅବକାରୀ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## 'ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଅଫିସ,୧୧।୩

**ନୀଳକଣ୍ଠ ନଗର ଶିଶୁ ବିଦ୍ୟା ମନ୍ଦିର**

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିଶୁ ବାଟିକା ବିଭାଗର ''ଘର ହିଁ ବିଦ୍ୟାଳୟ ପ୍ରକଳ୍ପ'' କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ନୂତନ ପ୍ରାର୍ଥନା ମଣ୍ଡପରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଭାରତୀର ଅଖିଳ ଭାରତୀୟ କାର୍ଯ୍ୟକର୍ତ୍ତା ତଥା ଶିଶୁବାଟିକା କ୍ଷେତ୍ରୀୟ ସଙ୍ଗୀତ ସଂଯୋଜକ ପି.ମୋହନ ରାଓ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଭାରତୀର ଲକ୍ଷ୍ୟ ଓ ଶିଶୁବାଟିକା ସମ୍ପର୍କରେ ଅଭିଭାବକ ମାନଙ୍କୁ ଅବଗତ କରାଯାଇଥିଲା। ଏଥିରେ ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍.ମୋହନ ରାଓ ଉଦ୍ଦେଶ୍ୟ, ଶିଶୁବାଟିକାର ମହତ୍ତ୍ୱ ତଥା ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଡ. ଶ୍ରୀକାନ୍ତ ମହାପାତ୍ର, ସମ୍ପାଦକ ନାରାୟଣ ପଣ୍ଡା, କୋଷାଧକ୍ଷ ରବୀନ୍ଦ୍ର ନାଥ ଜେନା, ଶିଶୁମନ୍ଦିର ପ୍ରଧାନାଚାର୍ଯ୍ୟା ଉମାଧବ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ପରିଚାଳନା ସମିତ ସଦସ୍ୟ ହରେକୃଷ୍ଣ ପାଢ଼ୀ, ନୀଳକଣ୍ଠ ସାହୁ, ପୂର୍ବତନ ଶିଶୁବାଟିକା ପ୍ରମୁଖ ଦେବକୀ ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶିଶୁମନ୍ଦିର ଆଚାର୍ଯ୍ୟା ଶ୍ରୀଲେଖା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ତୃପ୍ତିମୟୀ ଚୌଧୁରୀ ଧନ୍ୟବାଦ ଦେଇଥିଲେ।

## ପଲିଥିନ ବ୍ୟବହାର ନେଇ ୪ ଦୋକାନୀଙ୍କୁ ଜରିମାନା

ବୁଗୁଡ଼ା,୧୧।୩(ଡି.ଏନ.ଏ.)

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଅଚାନକ ବୁଗୁଡ଼ା ଏନ୍‌ଏସି କାର୍ଯ୍ୟାଳୟକୁ ଆସି ପରିଦର୍ଶନ କରି ସହରର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବୁଗୁଡ଼ା ବସ୍‌ଷ୍ଟାଣ୍ଡରେ ଥିବା ଆହାର କେନ୍ଦ୍ର ପରିଦର୍ଶନ କରି ବୁଲି ଦେଖିଥିଲେ। ଏଥିସହ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଶୌଚାଳୟ ମଧ ପରିଦର୍ଶନ କରିଥିଲେ। ସେଠାରୁ ଜିଲାପାଳ ହାଇସ୍କୁଲ ଛକ ନିକଟରେ ପହଞ୍ଚି ଏକ ଚା' ଦୋକାନ ଓ ଜଳଖିଆ ଦୋକାନରେ ବ୍ୟବହୃତ ପଲିଥିନ ଦେଖି ସେମାନଙ୍କୁ ୫୦୦ ଟଙ୍କା ଲେଖାଏ ଜରିମାନା ପକାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେହି ଛକ ନିକଟରେ ଥିବା ୨ଟି ଷ୍ଟେଶନାରୀ ଦୋକାନରେ ମଧ ଚଢ଼ାଉ କରି ପଲିଥିନ ବ୍ୟବହୃତ ଯୋଗୁ ୫ହଜାର ଟଙ୍କା ଲେଖାଏ ଜରିମାନା କରିଥିଲେ। ଏହାପରେ ବୁଗୁଡ଼ା ବୁଦ୍ଧଖୋଲ ରାସ୍ତା ଉପାନ୍ତରେ ଥିବା ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର ବୁଲି ଦେଖି ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନବେଳେ ତହସିଲଦର ରବୀନ୍ଦ୍ର କୁମାର ମିଶ୍ର, ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ, କନିଷ୍ଠ ଯନ୍ତ୍ରୀ ରୋଶନ କୁମାର ପ୍ରଧାନ ପ୍ରମୁଖ ଏନ୍‌ଏସିର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୧୧।୩

ଗୋଷାଣୀନୂଆଗାଁ ଥାନା ନୀଳକଣ୍ଠନଗର ନିକଟ ହାଉସିଂବୋର୍ଡ଼ ଷ୍ଟେଜ-୧ ରେ ରହୁଥିବା ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସଫେଇ ଆଳରେ ପ୍ରାୟ ୩ ଭରିର ସୁନାଗହଣା ନେଇଯାଇଥିଲେ। ଘଟଣାର ୨ମାସ ପରେ ବି ପୋଲିସ ଏହି ଠକ ଗ୍ୟାଙ୍ଗର ସୁରାକ ପାଇପାରିନାହିଁ। ଅନ୍ୟପଟେ ଠକାମିର ଶିକାର ହୋଇଥିବା ମହିଳା ଜଣକ ଏବେ ନିରାଶ ହୋଇଛନ୍ତି। ପୋଲିସର ଢିଲା ପାଟ୍ରୋଲିଂର ଫାଇଦା ଉଠାଉଛନ୍ତି ଏହି ଠକ ଗ୍ୟାଙ୍ଗ। ଗତ ବର୍ଷେ ମଧରେ ଠକ ଗ୍ୟାଙ୍ଗ ସହରର ବିଭିନ୍ନ ଥାନା ଇଲାକାରେ ରହୁଥିବା ମହିଳାମାନଙ୍କୁ ଟାର୍ଗେଟ କରି ୫ରୁ ଊର୍ଦ୍ଧ୍ୱ ଠକେଇ କରିଛନ୍ତି। ପୋଲିସକୁ ଏହିସବୁ ଘଟଣାରେ ଏବେ ସୁଦ୍ଧା ସଫଳତା ମିଳିପାରିନାହିଁ। ଫଳରେ ପୋଲିସର ଚିନ୍ତା ବଢିଯାଇଛି। ଅନ୍ୟପଟେ ଏନେଇ ପୋଲିସ ପକ୍ଷରୁ ଯେତେ ସଚେତନ କରାଗଲେ ମଧ ମହିଳାମାନେ ସଚେତନ ହେଉନାହାନ୍ତି। ଫଳରେ ଏହି ଗ୍ୟାଙ୍ଗ କିଛିଦିନର ବ୍ୟବଧାନରେ ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଟାର୍ଗେଟ କରି ସେମାନଙ୍କ ସୁନା ଗହଣା ଠକି ନେଇଯାଉଛନ୍ତି।

ଘଟଣାରୁ ପ୍ରକାଶ, ଜାନୁୟାରୀ ୧୦ ତାରିଖ ପୂର୍ବାହ୍ନ ସାଢେ ୧୧ ଟା ବେଳେ ୨ ଜଣ ଯୁବକ ହାଉସିଂବୋର୍ଡ଼ରେ ରହୁଥିବା ରଞ୍ଜନ ପଣ୍ଡାଙ୍କ ସ୍ତ୍ରୀ ନନ୍ଦିନୀ ଆଚାର୍ଯ୍ୟଙ୍କ ଘର ବେଲ ବଜାଇଥିଲେ। ସେମାନେ ନିଜକୁ ଏକ କମ୍ପାନୀର ସେଲ୍ସମ୍ୟାନ ବୋଲି ପରିଚୟ ଦେଇଥିଲେ। ସୁନା ଗହଣା ସଫା କରିବା ପାଇଁ କମ୍ପାନୀ ତରଫରୁ ଏକ ପାଉଡର ଆସିଛି। ମାଗଣାରେ ଆପଣଙ୍କ ଗହଣା ସଫା କରିବୁ ବୋଲି କହିଥିଲେ। ବିଶ୍ୱାସ ଜନ୍ମେଇବା ପାଇଁ ଯୁବକ ଦ୍ୱୟ ପ୍ରଥମେ ନନ୍ଦିନୀ ପିନ୍ଧିଥିବା ରୁପା ପାଉଁଜି ବାହାର କରିବାକୁ କହିଥିଲେ। ଏକ ପାତ୍ରରେ ଗରମ ପାଣି ରଖି କିଛି ହଳଦିଆ ପାଉଡର ପକାଇ ସେଥିରେ ପାଉଁଜି ପକାଇଥିଲେ। କିଛି ସମୟ ପରେ ପାଉଁଜି ସେଥିରୁ ବାହାର କରିବାରୁ ତାହା ନୂଆ ଭଳି ଦେଖାଦେଇଥିଲା। ଯୁବକମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥିଲେ। ପରେ ସେମାନେ ନନ୍ଦିନୀଙ୍କୁ ଅନ୍ୟ ଏକ ପାତ୍ରରେ ଗରମ ପାଣି ଆଣିବାକୁ କହିଥିଲେ। ମହିଳା ଜଣଙ୍କ ପାଣି ଧରି ସେମାନଙ୍କ ପାଖରେ ପହଞ୍ଚିଥିଲେ। ପରେ ଠକ ଦଳ ଧରିଥିବା ଏକ ରୁମାଲରେ ମହିଳା ପିନ୍ଧିଥିବା ସୁନାଗହଣା ରଖିବାକୁ କହିଥିଲେ। ରୁପା ପାଉଁଚି ଚକ ଚକ ହେଉଥିବା ଦେଖି ନନ୍ଦିନୀ ଲୋଭରେ ପିନ୍ଧିଥିବା କାନଫୁଲ, ମୁଦି ଓ ମଙ୍ଗଳସୂତ୍ର ଉକ୍ତ ରୁମାଲରେ ରଖି ଦେଇଥିଲେ। ସେମାନେ ଧରିଥିବା ଅନ୍ୟ ଏକ ରୁମାଲକୁ ଗଣ୍ଠି ପକାଇ ନନ୍ଦିନୀଙ୍କୁ ଧରାଇ ଦେଇଥିଲେ। ଘର ଭିତରକୁ ଯାଇ ଉକ୍ତ ରୁମାଲ ଖୋଲିବାକୁ କହିଥିଲେ। ପରେ ସେଠାରୁ ଯୁବକ ଦ୍ୱୟ କୌଶଳ କ୍ରମେ ସୁନା ଗହଣାଗୁଡିକ ନେଇଯାଇଥିଲେ। ଯାହାକି ମହିଳାଙ୍କୁ ଜଣାପଡି ନ ଥିଲା। ପରେ ନନ୍ଦିନୀ ଉକ୍ତ ରୁମାଲ ଖୋଲିବା ବେଳେ ସେଥିରେ ଥିବା ଅଳଙ୍କାରଗୁଡିକ ନ ଥିଲା। ବାହାରକୁ ଆସି ଦେଖିବା ବେଳେ ଯୁବକମାନେ ଫେରାର ହୋଇଯାଇଥିଲେ।

**ସଫେଇ ଆଳରେ ସୁନା ଠକେଇ ଘଟଣା**

## ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୧।୩

ଗୋଶାଣିନୂଆଗାଁ ପୋଲିସ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଗୁଡ଼୍‌ସେଡ଼ ରୋଡ ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ଜବତ କରିଥିଲା। ମୃତ ଯୁବକ ଜଣକ ସୁକୁଣ୍ଡା ନିକଟସ୍ଥ ଚନ୍ଦନୀୟ ପାହାଡ଼ରେ ରହୁଥିବା ଶେଖ ଜରିଫ (୩୨)। ସେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଜରିଫ ଜଣେ ମେକାନିକ ଭାବେ କାମ କରୁଥିବା ବେଳେ କିଛି ଦିନ ତଳେ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ସ୍ତ୍ରୀ ଘରୁ ଚାଲିଯାଇଥିଲେ। ମାନସିକ ଚାପରେ ରହୁଥିବା ଜରିଫ ସୋମବାର ବ୍ରହ୍ମପୁରକୁ କାମକୁ ଆସିଥିବା ବେଳେ ରାତିରେ ସେ ଘରକୁ ଫେରି ନ ଥିଲେ। ମଙ୍ଗଳବାର ସକାଳେ ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା। ଯୁବକଙ୍କ ପ୍ୟାଣ୍ଟ ପକେଟରୁ ପୋଲିସ ଏକ ମୋବାଇଲ ଫୋନ ଓ ପର୍ସ ପାଇଥିଲା। ଉକ୍ତ ମୋବାଇଲ ଜରିଆରେ ମୃତ ଯୁବକଙ୍କ ବାପା ଶେଖ ଫରିଦଙ୍କୁ ପୋଲିସ ଯୋଗଯୋଗ କରିଥିଲା। ସେ ଘଟଣାସ୍ଥଳରେ ପହଞ୍ଚି ପୁଅର ମୃତଦେହ ଚିହ୍ନଟ କରିଥିଲେ।

## ଲାଠି ବୁଢୀ ଠାକୁରାଣୀ ଯାତ୍ରା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୧୧।୩

ଗତ ୭ ତାରିଖରୁ ୫ ଦିନ ଧରି ଚାଲିଥିବା ବ୍ରହ୍ମପୁର ଉପକଣ୍ଠ ଲାଠି ମା' ବୁଢୀ ଠାକୁରାଣୀଙ୍କ ଯାତ୍ରା ବୁଧବାର ଉଦ୍‌ଯାପିତ ହୋଇଛି। ଏକ ସୁସଜ୍ଜିତ ରଥରେ ମା'ଙ୍କୁ ନଗର ପରିକ୍ରମା କରାଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ଭକ୍ତ ସାମିଲ ହୋଇଥିଲେ। ଶତାଧିକ ମହିଳା ମା'ଙ୍କୁ ବନ୍ଦାପନା କରିବା ପରେ ପଣ୍ଡିତ ଅଶୋକ କୁମାର ପାଢ଼ୀଙ୍କ ପୌରୋହିତ୍ୟରେ ନିଜସ୍ୱ ପୀଠରେ ସ୍ଥାପନ କରାଯାଇଥିଲା। ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ପରେ ଭକ୍ତମାନେ ନବଯୌବନ ବେଶ ଦର୍ଶନ କରିଥିଲେ। ମଙ୍ଗଳବାର ରାତିରେ ଠାକୁରାଣୀଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏହା ପରେ ମା' ନୂତନ ମନ୍ଦିରକୁ ପ୍ରବେଶ କରିଥିଲେ। ମନ୍ଦିର ପରିଚାଳନା କମିଟି ସଭାପତି ଭଗବାନ ସାହୁ, ସମ୍ପାଦକ ସୁବାସଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗ୍ରାମର ବିଭିନ୍ନ ଯୁବକ ସଂଘ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଠାକୁରାଣୀଙ୍କ ନଗର ପରିକ୍ରମା।

# ମା'ବୁଢ଼ୀ ଠାକୁରାଣୀ ପରମ୍ପରା ଓ ସଂସ୍କୃତି ସହ ଜଡ଼ିତ

ବ୍ରହ୍ମପୁର ଅଫିସ,୧୧।୩



**ବ୍ରହ୍ମପୁରର ପାରମ୍ପରିକ ପରଭା ନୃତ୍ୟ**

- ପ୍ରୋତ୍ସାହନ ଅଭାବରୁ ଲୁପ୍ତ ପାଇବାକୁ ବସିଛି

ବ୍ରହ୍ମପୁର ସହରର କଳାକାରମାନେ ଅନେକ ସମୟରେ ନିଜର ଉତ୍କୃଷ୍ଟ କଳା ପ୍ରଦର୍ଶନ ଯୋଗୁ ବିଭିନ୍ନ ସ୍ଥାନରେ ପରିଚିତ ହୋଇପାରିଛନ୍ତି। ଏପରି କି ସହରରେ ବହୁ କଳାକାର ଥିଲେ ସୁଦ୍ଧା ପ୍ରୋତ୍ସାହନ ଅଭାବରୁ ଅଞ୍ଚଳରେ ଅଧିକାଂଶ ପରମ୍ପରିକ ଲୋକନୃତ୍ୟ ଧୀରେ ଧୀରେ ଲୋପ ପାଇବାରେ ଲାଗିଛି। ଏଭଳି ଏକ କଳା ମଧ୍ୟରୁ ପରଭା ନୃତ୍ୟ ହୋଇଛି ଅନ୍ୟତମ। ଏହି ନୃତ୍ୟ ବ୍ରହ୍ମପୁର ମା' ବୁଢୀ ଠାକୁରାଣୀ ମନ୍ଦିର ସହିତ ଜଡ଼ିତ। କିମ୍ବଦନ୍ତୀ ଅନୁସାରେ ଏହା ପ୍ରାୟ ୪୫୦ ରୁ ୫୦୦ ବର୍ଷ ପୂର୍ବେ ମା'ଙ୍କ ଆଦେଶାନୁସାରେ ପ୍ରଥମେ ବ୍ରହ୍ମପୁରର ରାଧାକୃଷ୍ଣ ଗନ୍ତାୟତ ଓ ଦାମୋଦର ଗନ୍ତାୟତ ଆରମ୍ଭ କରିଥିଲେ। ପୂର୍ବରୁ ଗାଁ'ଲୋକଙ୍କୁ ହଇଜା ଓ ବସନ୍ତ ଦାଉରୁ ରକ୍ଷା କରିବା ପାଇଁ ବର୍ଷର ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସରେ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ନୃତ୍ୟ ସହ ପଣା ଓ ଭୋଗ ଲଗାଯାଉଥିଲା। କିନ୍ତୁ ବର୍ତ୍ତମାନ କେବଳ ଠାକୁରାଣୀ ଯାତ୍ରା ବ୍ୟତୀତ କାଁଭାଁ ଶୋଭାଯାତ୍ରା ଦେଖିବାକୁ ମିଳିଥାଏ। ଅନ୍ୟପଟେ ମା'ଙ୍କ ଘଟ ସହର ପରିକ୍ରମା ବେଳେ କାଳୀ, ଠାକୁରାଣୀ, ସରସ୍ୱତୀ ଓ ଗାୟତ୍ରୀ ଏଭଳି ୧୦ ପରଭା ମା' ସହର ପରିକ୍ରମା କରିଥାନ୍ତି। ତେଣୁ ଏହାକୁ ଦଶମାଆ ବିଦ୍ୟା ପରଭା ବୋଲି କୁହାଯାଏ। ଏହି ନୃତ୍ୟ ମା' ବୁଢ଼ୀ ଠାକୁରାଣୀଙ୍କୁ ସ୍ଥିରତା ଆଣିଥାଏ ବୋଲି ମନ୍ଦିରର ମୁଖ୍ୟ ପୂଜକ ଭଗବାନ ଗନ୍ତାୟତ କହିଛନ୍ତି। ସହରରେ ହାତଗଣତି କେତେଜଣଙ୍କୁ ଛାଡ଼ିଦେଲେ ଏହି ପରଭା ନୃତ୍ୟ ଏବେ ଆଉ ଦେଖିବାକୁ ମିଳେ ନାହିଁ। ବର୍ତ୍ତମାନ ରାଧାକୃଷ୍ଣ ଗନ୍ତାୟତ ଓ ଦାମୋଦର ଗନ୍ତାୟତ ବଂଶାନୁକ୍ରମ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି। ସହରର ବିଭିନ୍ନ ପୂଜା ମେଢ଼, ଘଟ ପରିକ୍ରମା, ଯାତ୍ରା ପାର୍ବଣ ଓ ମାନସିକତାରେ ଏହି ପରଭା ନୃତ୍ୟ ହୋଇଥାଏ। ଏହି ନୃତ୍ୟ ପାଇଁ ଗୋଟିଏ ପରଭା ସହ ଦୁଇ ଜଣ ବ୍ୟକ୍ତି ଓ ଗୋଟିଏ ଚାଙ୍ଗୁ ବାଜା ଦରକାର ହୋଇଥାଏ। ଏହାର ଚାହିଦା କେବଳ ସହରରେ ସୀମିତ ହୋଇ ରହିନି ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶକୁ ମଧ ନୃତ୍ୟ ପ୍ରଦର୍ଶନ ପାଇଁ ଯାଇଥାନ୍ତି। ଏହା ସହ ଦେଶର ବିଭିନ୍ନ ସାଂସ୍କୃତିକ ଉତ୍ସବରେ ଯୋଗଦେଇ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ଏହା କେବଳ ବଂଶାନୁକ୍ରମିକ ହୋଇ ରହିଯାଇଛି।

**ସେମାନେ ଯାହା କୁହନ୍ତି**



"ପରଭା ନୃତ୍ୟ ମା'ବୁଢ଼ୀ ଠାକୁରାଣୀଙ୍କ ସହ ଜଡ଼ିତ। ଯେତେବେଳେ ମା' ଘଟ ପରିକ୍ରମା ପାଇଁ ବାହାରନ୍ତି, ସେତେବେଳେ ପ୍ରଥମ ନଜର ଏହି ଦଶମାଆ ବିଦ୍ୟା ପରଭା ଉପରେ ପଡ଼ିବାର ଆବଶ୍ୟକତା ରହିଛି। ଯଦି ଏହା ଅନ୍ୟ କୌଣସି ବ୍ୟକ୍ତିଙ୍କ ଉପରେ ପଡ଼େ ତେବେ ତାହା ଖରାପ ହୋଇଥାଏ। ଏହି ପରି ପରମ୍ପରା ପ୍ରାୟ ୪୫୦ ରୁ ୫୦୦ ବର୍ଷ ହେବ। ବିଭିନ୍ନ ସମୟରେ ଗ୍ରାମରେ ହଇଜା, ବସନ୍ତ ଓ ମହାମାରୀଠାରୁ ଦୂରେଇ ରଖିବା ପାଇଁ ପ୍ରତ୍ୟେକ ବର୍ଷ ଚୈତ୍ର, ବୈଶାଖ ଓ ଜ୍ୟେଷ୍ଠ ମାସରେ ଉକ୍ତ ପରଭା ଗ୍ରାମ ପରିକ୍ରମା କରିବା ସହ ଗ୍ରାମ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ପଣା ଓ ଭୋଗ ଲଗାଯାଉଥିଲା। ଫଳରେ ସମସ୍ତ ଗ୍ରାମବାସୀ ମା'ଙ୍କ ଦାଉରୁ ରକ୍ଷା ପାଉଥିଲେ।

-ଭଗବାନ ଗନ୍ତାୟତ, ମା'ବୁଢ଼ୀ ଠାକୁରାଣୀ ମନ୍ଦିର ମୁଖ୍ୟ ପୂଜକ



"ମା'ବୁଢ଼ୀ ଠାକୁରାଣୀଙ୍କ ପୂଜାର୍ଚ୍ଚନା ପରି ଏହି ପରଭାଗୁଡ଼ିକୁ ପ୍ରତ୍ୟେକ ଦିନ ପୂଜା କରାଯାଇଥାଏ। ମା'ଙ୍କ ମନ୍ଦିର ହେବା ଦିନଠାରୁ ଏହି ପରମ୍ପରା ରହିଛି। ଏହାର ପ୍ରଚାର ଓ ପ୍ରସାର ପାଇଁ ସରକାରଙ୍କ ତରଫରୁ କିଛି ସହାୟତା କିମ୍ବା ଅନୁଦାନ ମିଳିନାହିଁ। ଫଳରେ ବର୍ତ୍ତମାନ ଏହା ଲୋପ ପାଇବାରେ ଲାଗିଛି। ଯଦି ସରକାର ଏହି ପରମ୍ପରା ଲୋକନୃତ୍ୟକୁ ଦୃଷ୍ଟି ଦିଅନ୍ତେ ତେବେ ବହୁ କଳାକାର ନିଜର ଜୀବିକା ନିର୍ବାହ କରିପାରନ୍ତେ।

- ଭାଗୀରଥି ଗନ୍ତାୟତ, ପରଭା ପୂଜକ

## ସଂକ୍ଷେପରେ

### ହରିକୃଷ୍ଣପୁରରେ ଦୋଳପୂର୍ଣ୍ଣିମା, ପାଞ୍ଜିପଢ଼ା

**ଶେରଗଡ଼,୧୧।୩(ଡି.ଏନ.ଏ.):** ଶେରଗଡ଼ ନିକଟସ୍ଥ ହରିକୃଷ୍ଣପୁର ଗ୍ରାମରେ ସୋମବାର ଦୋଳପୂର୍ଣିମା ଓ ପାଞ୍ଜିପଢ଼ା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଧା କୃଷ୍ଣଙ୍କୁ ଦୋଳ ବିମାନରେ ବସାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଗ୍ରାମ ପୂର୍ବ ପଟେ ଥିବା ଦୋଳବେଦିକୁ ଅଣାଯାଇ ଠାକୁରଙ୍କୁ ଝୁଲାଯାଇ ସାମୂହିକ ପୂଜାର୍ଚ୍ଚନା ହୋଇଥିଲା। ପଣ୍ଡିତ ଶରତ ଚନ୍ଦ୍ର ମିଶ୍ରଙ୍କ ଦ୍ୱାରା ପାଞ୍ଜିକୁ ପାଠ କରାଯାଇଥିଲା। ଟ୍ରଷ୍ଟି ବିପ୍ରଚରଣ ମିଶ୍ର, ରଜନୀକାନ୍ତ ତ୍ରିପାଠୀ, ପ୍ରଦ୍ୟୁମ୍ନ କୁମାର ଷଡ଼ଙ୍ଗୀଙ୍କ ସମେତ ଗ୍ରାମବାସୀଙ୍କ ଉପସ୍ଥିତିରେ ଦୋଳପୂର୍ଣ୍ଣିମା ପାଳିତ ହୋଇଥିଲା।

### ଗଞ୍ଜାମ ଐତିହାସିକ ଦୋଳ ଯାତ୍ରା ଶେଷ

**ଗଞ୍ଜାମ, ୧୧।୩(ଡି.ଏନ୍.ଏ.):** ପାଞ୍ଚ ଦିନ ବ୍ୟାପୀ ଚାଲିଥିବା ଗଞ୍ଜାମ ଐତିହାସିକ ଦୋଳ ପୂର୍ଣ୍ଣିମା ଯାତ୍ରା ମଙ୍ଗଳବାର ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଗତ ରବିବାର ରାତି ୧୦ଟାରେ ସମସ୍ତ ସାହି ଠାକୁର ବଜାରରେ ପହଞ୍ଚିବା ପରେ ବଜାର ଯାତ୍ରା ଆରମ୍ଭ ହୋଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ରାମାୟଣ, ଭାରତଲୀଳା, ରାଧା ପ୍ରେମଲୀଳା ଆଦି ପରିବେଷଣ ହୋଇଥିଲା। ଏହାକୁ ଦେଖିବାକୁ ଲକ୍ଷାଧିକ ଲୋକଙ୍କ ଭିଡ଼ ଜମିଥିଲା। ପୂର୍ବାହ୍ନରେ ବିଧାୟକ ସୁବାସ ଚନ୍ଦ୍ର ବେହେରା, ପୂର୍ବତନ ଏମ୍‌ପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, ପୂର୍ବତନ କାଉନ୍ସିଲର ଦଣ୍ଡପାଣି ପରିଡ଼ା, ଗଞ୍ଜାମ ଏନ୍‌ଏସି ନିର୍ବାଚନ ଅଧିକାରୀ ରାକେଶ ରଞ୍ଜନ ଦାସ, ବିଡିଓ ଜ୍ୟୋତି ଶଙ୍କର ରାଏ, ଥାନାଧିକାରୀ ଦିଲୀପ କୁମାର ସାହୁ, ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ପାଇଁ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଅପରାହ୍ନରେ ସମସ୍ତ ଠାକୁର ଦୋଳ ବିମାନରେ ନିଜ ନିଜ ମନ୍ଦିରକୁ ଫେରିଥିଲେ। ଏହି ଅବସରରେ ସାନ ବଜାର ଓ ବଡ଼ ବଜାରଠାରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଏଥିସହ ଦୋଳପୂର୍ଣ୍ଣିମା ଯାତ୍ରା ଅବସରରେ ବିଞ୍ଚଣାପଲି ଗ୍ରାମ ପକ୍ଷରୁ ଗଞ୍ଜାମ ବ୍ଲକର ବିଭିନ୍ନ ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ କଳାକାରଙ୍କୁ ମାନପତ୍ର ବଣ୍ଟନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବିଡିଓ ରାଏ ଓ ଥାନାଧିକାରୀ କଳାକାରମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଏହାକୁ ବିଞ୍ଚଣାପଲି ଗ୍ରାମର ସଭାପତି କେ.ସିରାମୁଲୁ ରାଓ, ଉପସଭାପତି ବି. ମଧୁସୂଦନ, କେ.ଶଙ୍କର ରାଓ ପ୍ରମୁଖ ପରିଚାଳନା କରିଥିଲେ। ଯାତ୍ରାରେ ବିଭିନ୍ନ ଘରକରଣା ସାମଗ୍ରୀ ଦେଖିବାକୁ ମିଳିଥିଲା।

### ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ବଣ୍ଟନ

**ବୁଗୁଡ଼ା,୧୧।୩(ଡି.ଏନ.ଏ.):** ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ ବୁଗୁଡ଼ା ଶାଖା କାର୍ଯ୍ୟାଳୟରେ ବୁଧବାର ଋଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଶାଖା ପରିଚାଳକ ଯୋଗେଶ ଚନ୍ଦ୍ର ସାମନ୍ତରା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳ ପରିଦର୍ଶିକା ନଳିନୀ ମହାରଣା, ବ୍ୟାଙ୍କ ସୁପରଭାଇଜର ପ୍ରଫୁଲ୍ଲ କୁମାର ଜେନା, ଏବିଡିଓ କୈଳାସ ଚନ୍ଦ୍ର ନାୟକ ଓ ମିଶନ ଶକ୍ତି ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ଜୀବିକା ଅର୍ଜନ ନିମନ୍ତେ ମିଶନ ଶକ୍ତିର ୨୨ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ଜୀବିକା ମିଶନର ୭ ଗୋଷ୍ଠୀର ୨୯୦ ମହିଳା ସଦସ୍ୟାଙ୍କୁ ୪୦ ଲକ୍ଷ ଟଙ୍କାର ଋଣ ସମ୍ପୃକ୍ତ ବ୍ୟାଙ୍କ ପକ୍ଷରୁ ବଣ୍ଟନ କରାଯାଇଥିଲା ।

# ରଙ୍ଗ ବଦଳରେ ଫୁଲରେ ଖେଳିଲେ ହୋଲି

**ବ୍ରହ୍ମପୁର ଅଫିସ,୧୧।୩**


ଅନ୍ଧପସରା ରୋଡରେ ଥିବା ଆବାସିକ ଆଦର୍ଶ ଦୃଷ୍ଟିହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଫୁଲରେ ହୋଲି ଖେଳୁଛନ୍ତି

**କରୋନା ଭୟ**
- ଫିକାପଡ଼ିଲା ହୋଲି
- ନିଆରା ହୋଲି ପାଳିଲେ ଦୃଷ୍ଟିହୀନ ଛାତ୍ରୀଛାତ୍ର

କରୋନା ଭାଇରସ ଧୀରେ ଧୀରେ କାୟା ବିସ୍ତାର କରିବାରେ ଲାଗିଛି। କରୋନା ଭୟ ଯୋଗୁ ଚଳିତ ବର୍ଷର ହୋଲି ଫିକା ପଡିଛି। ହୋଲି ଦିନ ପୂର୍ବରୁ କରୋନା ପାଇଁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ସର୍ବସାଧାରଣ ତଥା ଜନଗହଳି ସ୍ଥାନରେ ହୋଲି ନ ଖେଳିବାକୁ ଅନୁରୋଧ କରାଯାଇଥିଲା। ଏହାପରେ ମଙ୍ଗଳବାର ବ୍ରହ୍ମପୁରରେ ହୋଲି ଉତ୍ସବ ଫିକା ପଡିଥିବା ଦେଖିବାକୁ ମିଳିଥିଲା। ନିଜ ଅଞ୍ଚଳ, ଆପାର୍ଟମେଣ୍ଟରେ କିଛି ପରିମାଣରେ ହୋଲିର ମାହୋଲ ଦେଖିବାକୁ ମିଳିଥିବା ବେଳେ ଦଳଗତ ପାଳନ ଦେଖିବାକୁ ମିଳି ନ ଥିଲା। ଭାଜପା, କଂଗ୍ରେସ, ବିଜେଡି ପକ୍ଷରୁ ଚଳିତ ବର୍ଷ ଏହି ଉତ୍ସବକୁ ବାତିଲ କରାଯାଇଥିବା ବେଳେ ଫ୍ରେଣ୍ଡସ୍ ହେଲପିଂ କ୍ଲବ ପକ୍ଷରୁ ଗୋପାଳପୁର ବେଳାଭୂମିରେ ସମୁଦ୍ରରେ ନ ଗାଧୋଇବା ପାଇଁ ସଚେତନ କରାଯାଇଥିଲା। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ବହୁମୁଖୀ ସଂଘ ପକ୍ଷରୁ କୋର୍ଟପେଟା ଛକରେ ହୋଲି ପରିବର୍ତ୍ତେ ପଣାବଣ୍ଟନ କରାଯାଇଥିଲା। ସହରରେ ଦହି ହାଣ୍ଡି ଭଙ୍ଗା ଉତ୍ସବ ମଧ୍ୟ କାଁ ଭାଁ କିଛି ସ୍ଥାନରେ ଦେଖିବାକୁ ମିଳିଥିଲା। ମୁକ୍ତେଶ୍ୱର ମନ୍ଦିର ରୋଡରେ କିଛି ଯୁବକଙ୍କ ଦ୍ୱାରା ପାରମ୍ପରିକ ରୀତିରେ ଦହି ହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟପକ୍ଷରେ ଜିଲା ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି)ଅନୁରୋଧ କ୍ରମେ ବ୍ରହ୍ମପୁର ଅନ୍ଧପସରା ରୋଡରେ ଥିବା ଆବାସିକ ଆଦର୍ଶ ଦୃଷ୍ଟି ହୀନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିଆରା ଢଙ୍ଗରେ ହୋଲି ଉତ୍ସବ ପାଳନ କରିଥିଲେ। ରଙ୍ଗ ପରିବର୍ତ୍ତେ ପରସ୍ପର ଉପରେ ଫୁଲ ପକାଇ ଉତ୍ସବ ମନାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ମୁଖ୍ୟ ଭବାନୀ ଶଙ୍କର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତା ଉପସ୍ଥିତ ରହିବା ସହ କରୋନା ସମ୍ପର୍କରେ ସଚେତନ କରିଥିଲେ।

# ୨ ଅଣଓଡ଼ିଆ ମହିଳା ଗିରଫ, ଗହଣା ଜବତ

**ଦିଗପହଣ୍ଡି,୧୧।୩(ଡି.ଏନ.ଏ.)**

**ଯାତ୍ରାରେ ମହିଳାଙ୍କ ଗହଣା ଲୁଟ୍ ମାମଲା**

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମସ୍ଥିତ ମା' ବାଙ୍କେଶ୍ୱରୀଙ୍କ ଯାତ୍ରାରେ ସୋମବାର ସିଦ୍ଧେଶ୍ୱର ଗଣିଆ ନାଳ ଛକରେ ରହୁଥିବା ସୂର୍ଯ୍ୟମଣି ସାହୁ ନାମ୍ନୀ ମହିଳାଙ୍କ ବେକରୁ ପ୍ରାୟ ୨ ଭରି ଓଜନର ସୁନା ଖାସୁମାଳି କେହି ଲୁଟି ନେଇଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତି ଅଭିଯୋଗରେ ୨ ଅଣ ଓଡ଼ିଆ ମହିଳାଙ୍କୁ ପୋଲିସ ଗିରଫ କରି ବୁଧବାର ସନ୍ଧ୍ୟାରେ ଦିଗପହଣ୍ଡି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଶ୍ଚିମବଙ୍ଗ ମେଦିନପୁର ଜିଲା ଖଡଗପୁର ଥାନା ଗୋଲବଜାର ଗ୍ରାମର ବିଦ୍ୟା ସେଠୀ ଓ ଲକ୍ଷ୍ମୀ ସେଠୀ। ଥାନା ମାମଲା ନଂ.୪୯/୨୦ ଦଫା ୩୭୯/୩୪ରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତା ଲକ୍ଷ୍ମୀ ନିକଟରୁ ଚୋରି ଯାଇଥିବା ସୁନା ଖାସୁ ମାଳି ଓ ୧୧ ଶହ ଟଙ୍କା ପୋଲିସ ଜବତ କରିଛି। ଅଭିଯୁକ୍ତା ଦ୍ୱୟ ବାରମ୍ବାର ସେମାନଙ୍କ ନାମ ଓ ଠିକଣା ପରିବର୍ତ୍ତନ କରି କହୁଥିବାରୁ ସେମାନଙ୍କ ପ୍ରକୃତ ନାଁ ଓ ଠିକଣା ସଂଗ୍ରହ ପାଇଁ ଉଦ୍ୟମ ଚାଲିଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମଧୁସ୍ମିତା ପ୍ରଧାନ କହିଛନ୍ତି।

# ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା


ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୧।୩**

ଓଡ଼ିଶା ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ନୂତନ ଅଧକ୍ଷ ଭାବେ ବ୍ରହ୍ମପୁର ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଡା. ଚ୍ୟାଉପଟ୍ଟନାୟକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଜୁ ଯୁବ ଜନତା ଦଳ କର୍ମକର୍ତ୍ତାମାନେ ଡା. ଚ୍ୟାଉପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ କାହ୍ନୁ ଚରଣ ପାତ୍ରଙ୍କ ସମେତ ଏମ ନିରଞ୍ଜନ ରେଡ୍ଡୀ, ଗଞ୍ଜାମ ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଧନଞ୍ଜୟ ରାଓ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ସୁରେଶ ତ୍ରିପାଠୀ ଓ ପ୍ରବୀଣ ପାତ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଜିଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି

**ଜାଲ୍ ସାର୍ଟିଫିକେଟରେ ଅଙ୍ଗନୱାଡ଼ି ଚାକିରି ପ୍ରସଙ୍ଗ**

**ପୋଲସରା,୧୧।୩(ଡି.ଏନ.ଏ.)**

ପୋଲସରା ସହରକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଗସ୍ତରେ ଆସିଥିଲେ। ଜଣେ ଅଙ୍ଗନୱାଡି କର୍ମୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରିଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଲେଇଝୁରୀ ଗ୍ରାମର କୃଷ୍ଣଚନ୍ଦ୍ର ସ୍ୱାଇଁ ଲିଖିତ ଅଭିଯୋଗ ଜଣାଇଥିଲେ।

ପ୍ରକାଶ ଯେ, ଗତ ୯ ଡିସେମ୍ବର ୨୦୧୯ରେ ପୋଲସରା ସହରସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସର ମଧ୍ୟରେ ଗଞ୍ଜାମ ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ହୋଇଥିଲା। ଏଥିରେ ବିଲେଇଝୁରୀ ଗ୍ରାମସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ରରେ ବିଜ୍ଞାନୀ ପ୍ରଧାନ ନାମକ ଜଣେ ମହିଳା ଜାଲ୍ ସାର୍ଟିଫିକେଟ ପ୍ରଦାନ କରି ନିଜର ଜନ୍ମ ତାରିଖକୁ ବଦଳାଇ ଚାକିରୀ ହାତେଇ ନେଇଥିବା ଜାନକୀ ସାହୁ ଓ କୃଷ୍ଣଚନ୍ଦ୍ର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିବାର ପ୍ରାୟ ପ୍ରାୟ ୩ମାସ ବିତିଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏନେଇ ପୁଣି ବୁଧବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ଭେଟି ସମ୍ପୃକ୍ତ ଅଙ୍ଗନୱାଡ଼ି କର୍ମୀଙ୍କ ବିରୋଧର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏନେଇ ଅଙ୍ଗନୱାଡ଼ି କର୍ମୀ ବିଜ୍ଞାନୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଥିଲେ, ମୋର ସବୁ ସାର୍ଟିଫିକେଟ ଠିକ୍ ଅଛି।



କୃଷ୍ଣଚନ୍ଦ୍ର ଜିଲାପାଳଙ୍କୁ ଭେଟି ଅଭିଯୋଗ କରୁଛନ୍ତି।

# ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ

**ଭଞ୍ଜନଗର,୧୧।୩(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଧନଞ୍ଜୟପୁର ଓ ଜଗନ୍ନାଥପ୍ରସାଦ ବ୍ଲକ ପାଟରାପଲ୍ଲୀରେ ସୋମବାର ସନ୍ଧ୍ୟାରେ ୨ଟି ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଲୋକଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବା ଯୋଜନା ଚାଲିଛି। ଆଗାମୀ ଦିନରେ ସମସ୍ତ ଘରକୁ ପାଣି ଯୋଗାଇ ଦିଆଯିବ। ଏହିଭଳି ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ବ୍ଲକର କିଛି ଗ୍ରାମକୁ ପ୍ରଥମ ପର୍ଯ୍ୟାୟରେ ସାମିଲ କରାଯାଇଛି ବୋଲି ଆରୁଖ କହିଥିଲେ। ଉତ୍ସବରେ ଭଞ୍ଜନଗର ବ୍ଲକ ଉପାଧ୍ୟକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଜଗନ୍ନାଥପ୍ରସାଦ ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ, ସାଂସଦ ପ୍ରତିନିଧି ବିପ୍ର ଚରଣ ବାରିକ୍, ବ୍ଲକ ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ, ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ସ୍କାଉଟ୍ ଗାଇଡ୍ ଶିବିରରେ ଗଞ୍ଜାମକୁ ସଫଳତା



ଉପସ୍ଥିତ ଅତିଥି ଓ ସ୍କାଉଟ ଗାଇଡ଼ ଶିବିରାର୍ଥୀ।

**ଧରାକୋଟ,୧୧।୩(ଡି.ଏନ.ଏ.)**

ଭୁବନେଶ୍ୱରସ୍ଥିତ ଭାରତ ସ୍କାଉଟ୍ ଗାଇଡ ମୁଖ୍ୟାଳୟରେ ଗତ ୪ ରୁ ୮ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ଶିବିର ଫିଭଜନ ୨୦୨୦ ଏବଂ ପାରଦର୍ଶିତା ପାଇଁ ଗଞ୍ଜାମକୁ ସଫଳତ ମିଳିଛି। ରାଜ୍ୟସ୍ତରର ୧୨ ପୁରସ୍କାର ମଧ୍ୟରୁ ୧୧ ପୁରସ୍କାର ଗଞ୍ଜାମ ଜିଲାର ୫୪ ଜଣ ସ୍କାଉଟ ଗାଇଡ଼ ଶିବିରାର୍ଥୀ ହାତେଇ ନେଇଛନ୍ତି। ଏହି ଉତ୍ସବରେ ରାଜ୍ୟ ସ୍କାଉଟ କମିଶନର ତଥା ରାଷ୍ଟ୍ରୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ରାମମୂର୍ତ୍ତି ଦୋରା, କୋଷାଧକ୍ଷ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ ସଭାପତି ବିଷ୍ଣୁ ଦାସଙ୍କ ପରିଚାଳନାରେ ଶିବିର ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲା ତରଫରୁ ସ୍କାଉଟ ମାଷ୍ଟର ଶୁଭେନ୍ଦୁ ପଟ୍ଟନାୟକ, ଲିପ୍‌ସା କୁମାରୀ ଓ ବିଭୁ ପ୍ରସାଦ ରାଜ୍ୟସ୍ତରୀୟ ଶିବିରରେ ଜିଲାର ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜିଲା ସ୍କାଉଟ୍ କମିଶନର ଗିରିଧର ପାତ୍ର, ଗାଇଡ଼ କମିଶନର ଶାନ୍ତିଲତା ମୁନି ପ୍ରମୁଖ ସଫଳତା ପାଇଁ ସ୍କାଉଟ ମାଷ୍ଟର ଶୁଭେନ୍ଦୁ ମିଶ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଧରାକୋଟ ଅଞ୍ଚଳବାସୀ ମିଶ୍ରଙ୍କୁ ପ୍ରଶଂସା କରିଥିଲେ। ସ୍କାଉଟ ଶିବିରରେ ରାଜ୍ୟସ୍ତରର ୬୭୦ ଜଣ ଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଲଗାତାର ତୃତୀୟଥର ଗଞ୍ଜାମ ଜିଲାକୁ ଶୁଭେନ୍ଦୁଙ୍କ ନେତୃତ୍ୱରେ ଏପରି ସଫଳତା ମିଳିଛି।

# ଚାଷଜମି ଚାରିପଟେ ବିଦ୍ୟୁତ୍ ତାର, ସଂସ୍ପର୍ଶରେ ଆସି ଗୋରୁ ମୃତ

**ଗୋପାଳପୁର/ କନିଷ୍ଠ,୧୧।୩(ଡି.ଏନ୍.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଇନ୍ଦ୍ରାକ୍ଷୀ ଓ ନାକାରାମ ଗ୍ରାମ ମଧ୍ୟରେ ଚାଷଜମି ଚାରିପଟେ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ବୁଧବାର ଗୋଟିଏ ଗାଈର ମୃତ୍ୟୁ ଘଟିଛି।

ପ୍ରକାଶ ଯେ, ମଙ୍ଗଳବାର ସନ୍ଧ୍ୟାରେ ୟୁ.ନାରସିମୁଲୁ ରେଡ୍ଡୀଙ୍କ ଗାଈ ଚରିବାକୁ ଯାଇ ଫେରିନଥିଲା। ବୁଧବାର ଇନ୍ଦ୍ରାକ୍ଷୀ ଓ ନାକାରାମ ମଧ୍ୟଭାଗରେ ଥିବା ଏକ ଜମି ଚାରିପଟେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଗାଈଟିର ମୃତ୍ୟୁ ଘଟିଥିବା ସେ ଦେଖିବାକୁ ପାଇଥିଲେ। ଖବର ପାଇ ସାଉଥ୍‌କୋ ଏସ୍‌ଡିଓ ମନୋରଞ୍ଜନ ଭୋଇ, କନିଷ୍ଠ ଯନ୍ତ୍ରୀ ରଞ୍ଜିତରାଜ ସାହୁ, ଗୋଳନ୍ଥରା ଥାନା ଏଏସ୍‌ଆଇ ପ୍ରକାଶ ଆଚାର୍ଯ୍ୟ, ବ୍ଲକ ଭେଟେରିନାରି ଅଧିକାରୀ ପ୍ରଭୁଦତ୍ତ ଦାଶ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତ ଗାଈର ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିଲା। ଏନେଇ ସାଉଥ୍‌କୋ ଏସ୍‌ଡିଓ ଭୋଇଙ୍କ ସହ ଯୋଗାଯୋଗବେଳେ ବେଆଇନ ଭାବେ ଜମି ଚାରିପଟେ ବିଛାଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଗାଈଟିର ମୃତ୍ୟୁ ଘଟିଛି। ଏନେଇ ଗୋଳନ୍ଥରା ଥାନାରେ ନଂ.୭୬/୨୦ରେ ମାମଲା ରୁଜୁକରି ପୋଲିସ ତଦନ୍ତ ଚଳାଇଛି ବୋଲି କହିଛନ୍ତି। ଗତ କିଛିଦିନତଳେ ସେଠାରେ ଏକ ଷଣ୍ଢ ମରିଥିବାବେଳେ ବହୁ ବାର୍‌ହା ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟୁଛି ବୋଲି ଇନ୍ଦ୍ରାକ୍ଷୀ ଗ୍ରାମବାସୀ ଅଭିଯୋଗ କରିଛନ୍ତି।


ଘଟଣାସ୍ଥଳରେ ସାଉଥ୍‌କୋ ବିଭାଗ ଅଧିକାରୀ ଓ ପୋଲିସର ଆଲୋଚନା।

# ମୋବାଇଲ ଟାୱାରରେ ଅଗ୍ନିକାଣ୍ଡ

**ବ୍ରହ୍ମପୁର ଅଫିସ,୧୧।୩**

ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ରଙ୍ଗୁଣୀବନ୍ଧ ସାହିରେ ଥିବା ଏକ ମୋବାଇଲ ଟାୱାରରେ ବୁଧବାର ଅପରାହ୍ନରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଛି। ବ୍ରହ୍ମପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଟାୱାର ପରିସରରେ ଥିବା ସେଲଟର ବକ୍ସରେ ଅଗ୍ନିକାଣ୍ଡ ଘଟି ପ୍ରାୟ ୮୦ ହଜାର ଟଙ୍କାର ସାମଗ୍ରୀ ପୋଡ଼ି ଯାଇଥିବା ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର ସୂଚନା ଦେଇଛନ୍ତି। ଶର୍ଟସର୍କିଟରୁ ଏହା ଘଟିଥିବା ବେଳେ ଏଥିରେ କେହି ଆହତ ହୋଇନଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

# ଗ୍ରୀନ୍ ରିଭୋଲ୍ୟୁଶନ କ୍ଲବ ପକ୍ଷରୁ ଆଲୋଚନା ସଭା

**ଦିଗପହଣ୍ଡି,୧୧।୩(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ଗ୍ରୀନ ରିଭୋଲ୍ୟୁଶନ କ୍ଲବ ପକ୍ଷରୁ ସ୍ଥାନୀୟ ରାମଚନ୍ଦ୍ର କଲ୍ୟାଣ ମଣ୍ଡପ ପରିସରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ କୁରେଶୁ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସଭାରେ କ୍ଲବ ସଭାପତି ତପନ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ସଭ୍ୟ ସଂଗ୍ରହ ଓ ସାଙ୍ଗଠନିକ ଅଭିବୃଦ୍ଧି ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ସଂଘ ପକ୍ଷରୁ ସହରରେ ପରିବେଶ ସୁରକ୍ଷା ଓ ବ୍ୟାପକ ଚାରା ଚାରାରୋପଣ ପାଇଁ ସଚେତନତା କରାଯିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ସହରରେ ଥିବା ୨ ଶ୍ମଶାନକୁ ନିୟମିତ ବ୍ୟବଧାନରେ ସଫେଇ କରି ଆଲୋକିକରଣ ପାଇଁ ସ୍ଥାନୀୟ ଏନ୍‌ଏସି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ପାଇଁ ପ୍ରସ୍ତାବ ଗୃହୀତ କରାଯାଇଥିଲା। କ୍ଲବ ସମ୍ପାଦକ ଭି. ପ୍ରମୋଦ କୁମାର ରାଜୁ, ବସନ୍ତ କୁମାର ପଟ୍ଟନାୟକ, ଅଶେଷ ନାଥ ମିଶ୍ର, ସୀମାଞ୍ଚଳ ପଣ୍ଡା, ମନୋରଞ୍ଜନ ପଣ୍ଡା, ବିପିନ ବିହାରୀ ପଟ୍ଟନାୟକ, ସଂଗ୍ରାମ କୁମାର ରଥ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।


ସଭାରେ ଉପସ୍ଥିତ କ୍ଲବ କାର୍ଯ୍ୟକର୍ତ୍ତା ଓ ସଭ୍ୟ ବୃନ୍ଦ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ

**ପୋଲସରା,୧୧।୩(ଡି.ଏନ.ଏ.)**

**ସ୍ୱଚ୍ଛତା ପରଖି ଜରିମାନା ଆଦାୟ**

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ପୋଲସରା ଗସ୍ତରେ ଆସି ଏନ୍‌ଏସି କାର୍ଯ୍ୟାଳୟରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା ସହ ଆହାର କେନ୍ଦ୍ର ବୁଲି ଦେଖିଥିଲେ। ଏଥିସହ ଆହାର କେନ୍ଦ୍ରରେ ଖାଇ ଖାଦ୍ୟର ମାନ ଯାଞ୍ଚ କରିବା ସହ ଖାଉଥିବା ବ୍ୟକ୍ତିମାନଙ୍କ ସହ ଖାଦ୍ୟକୁ ନେଇ ଆଲୋଚନା କରିଥିଲେ। କେନ୍ଦ୍ରର ସ୍ୱଚ୍ଛତା ପରଖି କେତେ ଆହାର ଆସୁଛି ପଚାରି ବୁଝିଥିଲେ। ପରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡ଼ାକ୍ତର ସମସ୍ୟା, ରୋଗୀ ପଞ୍ଜିକରଣ, ରୋଗୀଙ୍କ ସମସ୍ୟା, ପାନୀୟ ଜଳ ଓ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ମଧ୍ୟରେ ଉଠାଯାଇଥିବା ପାଚେରି ଯେଭଳି ନ ଭାଙ୍ଗିବ ସେଥିଲାଗି ଔଷଧ ଦୋକାନୀମାନଙ୍କୁ ତାଗିଦ କରିଥିଲେ। ପାଚେରୀ ପାଖରେ ଥିବା ଏକ ଉଚ୍ଚା କାନ୍ଥକୁ ଭାଙ୍ଗିବା ଲାଗି ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସ୍ୱଚ୍ଛତାକୁ ଅନୁଧ୍ୟାନବେଳେ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ବଂଶୀଧର ପ୍ରଧାନଙ୍କ ଦୋକାନ ଅପରିଷ୍କାର ହେତୁ ୫ ହଜାର ଟଙ୍କା ଜରିମାନା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅରୁଣ ପ୍ରଧାନଙ୍କ ଫଳ ଦୋକାନରୁ ପଲିଥିନ ଏବଂ ଅପରିଷ୍କାର ଖାଦ୍ୟ, ପାଣି ପାଉଚ ଆଦି ବାହାରିବା ନେଇ ୫ ହଜାର ଟଙ୍କା ଜରିମାନା କରିଥିଲେ। ପରେ ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟ ଓ ମ୍ୟାଟେରିୟାଲ ରିକଭରି ପ୍ଲାଣ୍ଟ ବୁଲି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଜିଲାପାଳଙ୍କ ଗସ୍ତବେଳେ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶନ୍ନ କୁମାର ଦାସଙ୍କ ସମେତ ଏନ୍‌ଏସିର ବହୁ କର୍ମଚାରୀ ଉପସ୍ଥିତ ଥିଲେ।



ଆହାର କେନ୍ଦ୍ରରେ ଖାଦ୍ୟର ମାନ ଯାଞ୍ଚ କରୁଛନ୍ତି ଜିଲାପାଳ।

ଧରିତ୍ରୀ
DHARITRI



## ସଂକ୍ଷେପରେ

### ଜୁଆ ଆଡ୍ଡାରୁ ୧୦ ଗିରଫ ୧ଲକ୍ଷ ୪୧ ହଜାର ଟଙ୍କା, ୧୦ ବାଇକ ଜବତ

ଆସିକା,୧୧।୩(ଡି.ଏନ୍.ଏ.): ଆସିକା ଏନଏସି ସୁବର୍ଣ୍ଣେଶ୍ୱର ମନ୍ଦିର ସଂଲଗ୍ନ ଋଷିକୁଲ୍ୟା ନଦୀପଠାରେ ମଙ୍ଗଳବାର ସନ୍ଧ୍ୟାରେ ଚାଲିଥିବା ଏକ ଜୁଆଆଡ୍ଡାରେ ପୋଲିସ ଚଢ଼ାଉ କରି ୧୦ ଜଣଙ୍କୁ ଗିରଫ କରିଥିଲା। ଅଭିଯୁକ୍ତମାନଙ୍କ ନିକଟରୁ ୧ ଲକ୍ଷ ୪୧ ହଜାର ୪ଶହ ଟଙ୍କା, ୧୦ଟି ବାଇକ, ୧୦ ମୋବାଇଲ ଫୋନ, ତାସ ଆଦି ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ଆସିକା ଥାନାରେ ନଂ.୮୮/୨୦ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଘୋଡାହାଡ଼ ନଦୀରେ ବୁଡ଼ି ଯୁବକ ମୃତ

ପାଟପୁର,୧୧।୩- ପାଟପୁର ଥାନା ଜଳମରା ଗ୍ରାମ ନିକଟ ଘୋଡାହାଡ଼ ନଦୀରେ ବୁଡ଼ି ସୋମବାର ପଳାସପୁର ଗ୍ରାମର ଟୁକୁନା ନାଇକ (୩୦)ଙ୍କ ମୃତ୍ୟୁ ଘଟିଛି। ଟୁକୁନା ଅପରାହ୍ନରେ ନଦୀକୁ ଗାଧୋଇବାକୁ ଯାଇ ଅସାବଧାନତା କାରଣରୁ ପାଣି ଭିତରକୁ ଚାଲିଯାଇଥିଲେ। ଖବର ପାଇ ଦିଗପହଣ୍ଡି ଦମକଳ ବାହିନୀ ପହଞ୍ଚି ବହୁ ଖୋଜା ଖୋଜି ପରେ ଟୁକୁନାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ବେଗୁନିଆପଡ଼ା,୧୧।୩(ଡି.ଏନ.ଏ.)

ବେଗୁନିଆପଡ଼ା ଫାଣ୍ଡି ଏସ୍. ଛଟିନା ବେଲପଡା ମଝି ପିଡବ୍ଲ୍ୟୁଡି ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ବୁଲା ପରିଡା (୩୮)। ଭଗବାନ ଗଉଡ ଆହତ ହେଲେ । ପ୍ରକାଶ ଯେ, ଉକ୍ତ ଫାଣ୍ଡି ଅନ୍ତର୍ଗତ କେ.ନିମିନା ଗ୍ରାମର ଭଗବାନ ଓ ତାଙ୍କ ସାଙ୍ଗ ସହ ସୁମଣ୍ଡଳ ମେଡିକାଲରୁ ବାଇକ୍ (ନଂ ଓଡି୦୭ଏବି୫୪୩୩)ରେ ଗାଁକୁ ଫେରୁଥିଲେ। ଏହି ସମୟରେ ଗ୍ରାମର ବୁଲା ନାଟ ଦେଖି ଫେରୁଥିଲା ବେଳେ ବାଇକ ଭାରସାମ୍ୟ ହରାଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବେଗୁନିଆପଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

# ପ୍ରବାସୀ ଓଡ଼ିଆଙ୍କ ଲାଗି ମୂଲ୍ୟହୀନ ଓଡ଼ିଶା ମୋ ପରିବାର

ବେଗୁନିଆପଡ଼ା,୧୧।୩(ଡି.ଏନ.ଏ.)



ଖବରଦାତା ସମ୍ମିଳନୀ।

ପରିବେଶ, ସ୍ୱାସ୍ଥ୍ୟ ଓ ପ୍ରବାସୀ ଓଡ଼ିଆଙ୍କୁ ପ୍ରାଧାନ୍ୟ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶା ମୋ ପରିବାର ଯୋଜନା ଆରମ୍ଭ କରାଯାଇଛି। ହେଲେ ଏବେ ଏହି ଯୋଜନା ଦିଗହରା ହୋଇପଡିଥିବା ଅଭିଯୋଗ ହୋଇଛି। ମୁମ୍ବାଇସ୍ଥିତ ଶ୍ରୀ ପ୍ରଜାପତି ମିତ୍ର ମଣ୍ଡଳର ଉପଦେଷ୍ଟା ସୂର୍ଯ୍ୟ ନାରାୟଣ ଗୌଡ଼ ସୋମବାର କୋଦଳା ଥାନା ଅନ୍ତର୍ଗତ ରାଣୀପଡାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ଖୁଲାସା କରିଛନ୍ତି।

ଗତ ୨ ତାରିଖରେ ରାଣୀପଡ଼ା ଗ୍ରାମର ଗୌରାଙ୍ଗ ଗୌଡ଼ ମୁମ୍ବାଇଠାରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିଲା। ଏଥିପାଇଁ ଶୀଘ୍ର ଏହି ସଂସ୍ଥାର ମୁଖ୍ୟ ଅରୂପ ପଟ୍ଟନାୟକ ଓ ସତ୍ୟଜିତ ବାବୁଙ୍କୁ ସହାୟତା ପାଇଁ ନିବେଦନ କରାଯାଇଥିଲେ ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇ ପରେ ସହଯୋଗ କରିନଥିବା ମୃତକଙ୍କ ସମ୍ପର୍କୀୟ ଓ ସୂର୍ଯ୍ୟନାରାୟଣ ଅଭିଯୋଗ କରିଛନ୍ତି। ଏଥିସହ ମୃତଦେହ ନିକଟକୁ ମଧ୍ୟ ସଂସ୍ଥାର କୌଣସି କର୍ମଚାରୀଙ୍କ ଦେଖା ମିଳି ନ ଥିଲା। ପରିବାର ଲୋକେ ବହୁ କଷ୍ଟରେ ଗୌରାଙ୍ଗଙ୍କ ମୃତଦେହକୁ ବିମାନରେ ମୁମ୍ବାଇରୁ ଭୁବନେଶ୍ୱରକୁ ଆଣିଥିଲେ। ଆମ୍ବୁଲାନ୍ସ ପାଇଁ ମଧ୍ୟ ହଇରାଣ ହୋଇଥିବା ମୃତକଙ୍କ ପରିବାର ଲୋକେ କହିଛନ୍ତି। ଗାଁରେ ପହଞ୍ଚି ମୃତଦେହ ଦାହ କରାଯାଉଥିବା ବେଳେ ୯୯୮୭୮୫୬୭୮୦ ନମ୍ବରରୁ କଲ ଆସିଥିଲା ଏବଂ ଓଡିଶା ମୋ ପରିବାର ପକ୍ଷରୁ ଠିକ ସେବା ମିଳିଲା କି ବୋଲି ପଚରାଯାଇଥିଲା। ଏ ନେଇ ସୂର୍ଯ୍ୟ ନାରାୟଣ ଆଶ୍ଚର୍ଯ୍ୟ ପ୍ରକଟ କରିବା ସହ ପ୍ରବାସୀ ଓଡ଼ିଆମାନେ ମଧ୍ୟ ଏଭଳି ଘଟଣାକୁ ନିନ୍ଦା କରିଛନ୍ତି। ମୃତକ ଅତି ଗରିବ ଶ୍ରେଣୀର ବ୍ୟକ୍ତି ହୋଇଥିବା ବେଳେ ତାଙ୍କର କୌଣସି ସନ୍ତାନ ନାହାନ୍ତି। ସ୍ୱାମୀଙ୍କ ରୋଜଗାରରେ ଚଳୁଥିବା ସ୍ତ୍ରୀ ଏବେ ବେସାହାରା ହୋଇପଡିଛନ୍ତି। ତେବେ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ସହ ଉକ୍ତ ଯୋଜନାରେ କାର୍ଯ୍ୟରତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି।

# ବିଦ୍ୟୁତ୍ ଆଘାତରେ ଜଣେ ମୃତ, ୪ ଆହତ

କୁକୁଡ଼ାଖଣ୍ଡି, ୧୧।୩(ଡି.ଏନ୍.ଏ.)

ସଦର ଥାନା ଗୁଠବନ୍ଧ ଗାଁକୁ ଲାଗିଥିବା ପରିବା ଖେତରେ ଘେରାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଆହତ ହୋଇଛନ୍ତି। ମୃତକ ହେଲେ ଦୁର୍ଯ୍ୟୋଧନ ମଳିକ(୪୨)। ଏଥିରେ ଆହତମାନେ ହେଲେ ସଦାନନ୍ଦ ଷଣ୍ଢ, କାଲୁ ବିଶୋୟୀ, ବାବୁଲା ପାତ୍ର ଓ ଜିତେନ୍ଦ୍ର ଦଳାଇ ।

ପ୍ରକାଶ ଯେ, ଜଣେ ବ୍ୟକ୍ତି ବାର୍‌ହା ଉପଦ୍ରବରୁ ଫସଲକୁ ରକ୍ଷା କରିବା ପାଇଁ ନିଜ ଜମି ଚାରିପଟେ ତାର ଲଗାଇ ରାତିରେ ବିଦ୍ୟୁତ୍ ସଂଯୋଗ କରିଥିଲେ। ସେହି ଜମିକୁ ଲାଗି ଅନ୍ୟ ଏକ ବିଲରେ କିଛି ଲୋକ ବିରି ଚାଷ କରିଥିଲେ। ବିରି ଖେତରୁ ବାର୍‌ହାକୁ ଘଉଡ଼ାଇବାକୁ ୫ଜଣ ବ୍ୟକ୍ତି ରାତିରେ ସେଠାକୁ ଯାଇଥିଲେ। ରାତି ପ୍ରାୟ ସାଢ଼େ ୧୨ଟାରେ ସେଠାରୁ ଫେରିବା ବେଳେ ସେମାନେ ପରିବା ଖେତରେ ଲାଗିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ପାଟି ଶୁଣି ଗାଁ ଲୋକେ ପହଞ୍ଚି ଦେଖିଲା ବେଳକୁ ଦୁର୍ଯ୍ୟୋଧନଙ୍କର ମୃତ୍ୟୁ ଘଟିଯାଇଥିଲା। ଆହତମାନଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇ ପୋଲିସକୁ ଖବର ଦିଆଯାଇଛି। ବିଦ୍ୟୁତ୍ ତା'ର ସଂସ୍ପର୍ଶରେ ଆସି ଗୋଟିଏ କୁକୁର ମଧ୍ୟ ମରିଯାଇଥିବା ଜଣାପଡ଼ିଛି।

# ଫେରାର ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଗଲେ ଜେଲ

## ଜମାଟଙ୍କା ଆତ୍ମସାତ୍ ମାମଲା

ଦିଗପହଣ୍ଡି,୧୧।୩(ଡି.ଏନ.ଏ.)

ଜମାଟଙ୍କା ଆତ୍ମସାତ୍ ମାମଲାରେ କେ. ନୂଆଗାଁ ପୋଲିସ ଦିଗପହଣ୍ଡି ବ୍ଲକ ଜକର ପଞ୍ଚାୟତ ମାଣିକ୍ୟପୁର ଗ୍ରାମର ବ୍ରାଞ୍ଚ ପୋଷ୍ଟ ମାଷ୍ଟର ଧର୍ମେନ୍ଦ୍ର କୁମାର ପାଢ଼ୀଙ୍କୁ ମଙ୍ଗଳବାର ଅପରାହ୍ନରେ କୋର୍ଟ ଚାଲାଣ କରିଛି। ମାମଲା ନଂ.୩୯/୧୭ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ଦିଗପହଣ୍ଡି ସବ୍‌ଜେଲକୁ ପଠାଇ ଦିଆଯାଇଛି।

ତଦନ୍ତକାରୀ ପୋଲିସ ଅଧିକାରୀ ଜ୍ଞାନରଞ୍ଜନ ସେଠୀଙ୍କ ସୂଚନାନୁସାରେ, ଧର୍ମେନ୍ଦ୍ର ୧୯୯୩ରେ ଗ୍ରାମୀଣ ଡାକ ସେବକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟ କରୁଥିଲେ। ନକଲି ଜମାଖତା ଖୋଲି ସେ ଜମାକାରୀଙ୍କ ଠାରୁ କୌଶଳକ୍ରମେ ୧୦ ଲକ୍ଷ ୩୩ ହଜାର ୯୩୩ ଟଙ୍କା ଆତ୍ମସାତ୍ କରିଥିଲେ। ଏପରିକି କିଛି ଜମାକାରୀଙ୍କ ନକଲି ଦସ୍ତଖତ କରି ବ୍ରାଞ୍ଚ ପୋଷ୍ଟ ମାଷ୍ଟର ସେମାନଙ୍କ ଜମାଖାତାରୁ ଟଙ୍କା ଉଠାଣ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ବ୍ରାଞ୍ଚ ପୋଷ୍ଟ ଅଫିସରେ ଆର୍ଥିକ ଅନିୟମିତତା ଓ ଠକେଇ ହୋଇଥିବା ନେଇ ଅଭିଯୋଗ ହେବା ପରେ ଦିଗପହଣ୍ଡି ସବ୍‌ଡିଭିଜନ ପୋଷ୍ଟ ଅଫିସର ତତ୍କାଳୀନ ପୋଷ୍ଟାଲ ଇନ୍ସପେକ୍ଟର ସିଏଚ୍. ଜବାହାର ରାଓ ଘଟଣାର ତଦନ୍ତ କରି ୨୦୨୭ ମେ ୧୧ ତାରିଖରେ ଧର୍ମେନ୍ଦ୍ରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ବିଭାଗୀୟ ତଦନ୍ତକୁ ଭିତ୍ତିକରି ବ୍ରାଞ୍ଚ ପୋଷ୍ଟ ମାଷ୍ଟରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ଏତଲାକୁ ଭିତ୍ତିକରି ମାମଲା ରୁଜୁ କରାଯିବା ପରେ ଗିରଫ ଭୟରେ ଅଭିଯୁକ୍ତ ଧର୍ମେନ୍ଦ୍ର ଦୀର୍ଘଦିନ ହେଲା ଫେରାର୍ ହୋଇଯାଇଥିଲେ।

# ମା' ବାଙ୍କେଶ୍ୱରୀଙ୍କ ଡିମ୍ବୁଲା ଯାତ୍ରା ଉଦ୍‌ଯାପିତ

## ମୁଣ୍ଡନ ହେଲେ ୧୦ ହଜାରରୁ ଊର୍ଦ୍ଧ୍ୱ ଶିଶୁ

ଦିଗପହଣ୍ଡି,୧୧।୩(ଡି.ଏନ.ଏ.)



ମନ୍ଦିରରେ ମା' ବାଙ୍କେଶ୍ୱରୀ

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଲା ଗ୍ରାମରେ ରବିବାର ରାତିରୁ ଆରମ୍ଭ ହୋଇଥିବା ମା' ବାଙ୍କେଶ୍ୱରୀଙ୍କ ପ୍ରସିଦ୍ଧ ଡିମ୍ବୁଲା ଯାତ୍ରା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ସୋମବାର ଭୋରରେ ମା'ଙ୍କ ଯାତ୍ରା ପୀଠରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ସେମାନଙ୍କ ପରିବାରବର୍ଗ ମୁଣ୍ଡନ କରାଇଥିଲେ। ଯାତ୍ରାରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାଜ୍ୟ ସମେତ ପଡ଼ୋଶୀ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶରୁ ଶ୍ରଦ୍ଧାଳୁମାନେ ଆସିଥିଲେ। ବହୁ ସଂଖ୍ୟକ ଅସ୍ଥାୟୀ ଦୋକାନ ଖୋଲିଥିଲା। ଚଳିତବର୍ଷ ରାମ ଦୋଳି, ମିନା ବଜାର ଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ମନ୍ଦିର ବେଢ଼ା ଓ ଆଖପାଖ ପରିସରରେ ବଳିପ୍ରଥା ସମ୍ପୂର୍ଣ୍ଣ ବନ୍ଦ ପାଇଁ ଶ୍ରଦ୍ଧାଳୁମାନଙ୍କୁ ସ୍ୱେଚ୍ଛାସେବୀମାନେ ସଚେତନ କରିଥିଲେ। ୨ଜଣ ଡିଏସ୍‌ପିଙ୍କ ନେତୃତ୍ୱରେ ଦିଗପହଣ୍ଡି ଓ କେ.ନୂଆଗାଁ ଥାନା ସହାୟତାରେ ୨ ପ୍ଲାଟୁନ ପୋଲିସ ଫୋର୍ସ ୪ ଇନ୍ସପେକ୍ଟର, ୮ ଏସ୍ଆଇ, ୨୭ ଏଏସ୍ଆଇ, ୩୮ କନଷ୍ଟେବଲ, ୨୧ ଟ୍ରାଫିକ ପୋଲିସ, ୧୫ ହାବିଲଦାର, ୮୦ ହୋମଗାର୍ଡଙ୍କ ସମେତ ୮ ମହିଳା ପୋଲିସ କର୍ମଚାରୀ ଯାତ୍ରା ପୀଠରେ ମୁତୟନ ହୋଇଥିଲେ। ଏଥିସହ ଭିଡ଼ ନିୟନ୍ତ୍ରଣ ପାଇଁ ବିଭିନ୍ନ ଗ୍ରାମର ସ୍ୱେଚ୍ଛାସେବୀ ଓ ସ୍କୁଲ କଲେଜର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ସମେତ ସ୍କାଉଟ ଗାଇଡ ଛାତ୍ରୀଛାତ୍ରମାନଙ୍କୁ ସାମିଲ କରାଯାଇଥିଲା। ଯାତ୍ରା ପରିଚାଳନା କମିଟି ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ହରିସେବକ ପଣ୍ଡା, ଉପ ସଭାପତି ସଞ୍ଜୀବ କୁମାର ରେଡ୍ଡୀ, ସମ୍ପାଦକ ଉପେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ସୁଦାମ ଦୋରାଙ୍କ ସମେତ ପଦ୍ମନାଭପୁର ସରପଞ୍ଚ ବି.କ୍ରିଷ୍ଣା ରାଓ ସୁବୁଦ୍ଧି, ବ୍ଲକ ଉପାଧ୍ୟକ୍ଷା ପ୍ରତିନିଧି ଏମ୍.ନିରଞ୍ଜନ ରେଡ୍ଡୀ, ରମେଶ ଚନ୍ଦ୍ର ପାଢ଼ୀ, ରମେଶ ଗୌଡ଼, ରଙ୍କ ଗୌଡ଼, ବଳରାମ ପ୍ରଧାନ, ଭୀମସେନ ପ୍ରଧାନ, ଶିବ ଗୌଡ଼, ମାଧବ ବେହେରା, ରଙ୍କ ନାୟକ, ପୀତବାସ ପ୍ରଧାନ ପ୍ରଧାନ, ସମସ୍ତ କମିଟି କର୍ମକର୍ତ୍ତା ଓ ଯୁବସଂଘ ସଦସ୍ୟ ଯାତ୍ରା ପରିଚାଳନାରେ ସହାୟତା କରିଥିଲେ।

# ଭଲିବଲ୍ ଟୁର୍ନାମେଣ୍ଟ: ମୋହନା ଚାମ୍ପିୟନ

ପାତ୍ରପୁର,୧୧।୩(ଡି.ଏନ୍.ଏ.):

ପାତ୍ରପୁରଠାରେ ଚାଲିଥିବା ମା' କୁଠାରିଶ୍ୱରୀ ଭଲିବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହରଡ଼ାଖଣ୍ଡି ଟିମ୍‌କୁ ହରାଇ ମୋହନାର କୁରୁକ୍ଷେତ୍ର ଟିମ୍ ଚାମ୍ପିୟନ ହୋଇଛି । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ ସାମନ୍ତରା ମୁଖ୍ୟ ଅତିଥି, ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ, ବ୍ରହ୍ମପୁର ଭଲିବଲ୍ ମହାସଂଘ ସଂପାଦକ ଚିନ୍ତାମଣି, ଗୋବିନ୍ଦ ମହାନ୍ତି, ନରସିଂହ ବେହେରା, ଅଶୋକ ପାଣିଗ୍ରାହୀ, ପି. ସଚ୍ଚିଦାନନ୍ଦ ସୁବୁଦ୍ଧି, ଦୁର୍ଯ୍ୟଧନ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଚାମ୍ପିୟନ ଟିମକୁ ୨୨,୬୬୬ ଟଙ୍କା ସହିତ ଟ୍ରଫି ଓ ରନର୍ସ ଅପ ଟିମକୁ ୧୬,୬୬୬ ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା । ଏହି ଅବସରରେ ପାତ୍ରପୁର ଗ୍ରାମର ବରିଷ୍ଠ ଭଲିବଲ୍ ଖେଳାଳି ନରସିଂହ ବେହେରା, ରାମକୃଷ୍ଣ ମହାନ୍ତି, ଅର୍ଜୁନ ମହାନ୍ତି, ମଧୁସୂଦନ ମହାନ୍ତି, ସୀତାରାମ ସେଠୀ, ସୀମାଞ୍ଚଳ ସେଠୀ, ପି. ସଚ୍ଚିଦାନନ୍ଦ ସୁବୁଦ୍ଧି ପ୍ରମୁଖଙ୍କୁ ସମ୍ମାନିତ କରାଯାଇ ଥିଲା। ମାର୍ଚ୍ଚ ୧ରୁ ଆରମ୍ଭ ହୋଇଥିବା ଏହି ଟର୍ନାମେଣ୍ଟରେ ୧୬ଟି ଟିମ ଭାଗ ନେଇଥିଲେ।

# ୨ ଜଣଙ୍କ ଘରୁ ଚୋରି

ପାତ୍ରପୁର,୧୧।୩(ଡି.ଏନ୍.ଏ.):

ଜରଡ଼ା ଥାନା ବାଦପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ୨ ଜଣଙ୍କ ଘରୁ ଚୋରି ହୋଇଛି । ଏ ନେଇ ଘର ମାଲିକ ତଥା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନୀ ପଣ୍ଡା ଏବଂ ଦଣ୍ଡାସି ରାଉଳ ବୁଧବାର ଥାନାରେ ଅଭିଯୋଗ କରିଛନ୍ତି। ଦୁର୍ବୃତ୍ତମାନେ ଅଶ୍ୱିନୀଙ୍କ ଘରେ ପଶି ଆଲ୍‌ମିରା କବାଟ ତାଡ଼ି ସେଥିରେ ଥିବା ୧୫ହଜାର ଟଙ୍କା ନେଇଯାଇଛନ୍ତି। ସେହିପରି ଦଣ୍ଡାସି ହାଇଦ୍ରାବାଦ ଯାଇଥିବାରୁ ଏହି ସୁଯୋଗ ନେଇ ଦୁର୍ବୃତ୍ତ ତାଙ୍କ ଘରେ ପଶି ୪ଟି ସୁନାମୁଦି ଲୁଟି ନେଇଛନ୍ତି। ଅଭିଯୋଗ ପରେ ପୋଲିସ ଗାଁରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# କୁକୁଡ଼ାଖଣ୍ଡିରେ ଝାମିଯାତ୍ରା

କୁକୁଡ଼ାଖଣ୍ଡି,୧୧।୩(ଡି.ଏନ୍.ଏ.)

କୁକୁଡ଼ାଖଣ୍ଡି ଡୁଟାସାହିରେ ଥିବା ଝାମି ଏଲେମା ଠାକୁରାଣୀଙ୍କ ପୂର୍ଣ୍ଣିମା ଯାତ୍ରା ତଥା ଚଳିତ ବର୍ଷର ଶେଷ ଯାତ୍ରା ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସକାଳ ପହରୁ ରୀତିନୀତି ଅନୁଯାୟୀ ବେଢା, ଦୀପ ଆଳତି, ହେବା ସହ ଦୋଳ ପୂର୍ଣ୍ଣ ପାଇଁ ମା'ଙ୍କୁ ଚଣା, ଫେଣା, ଫୋଗୁ ଆଦି ଅର୍ପଣ କରାଯାଇଥିଲା। ଯାତ୍ରାରେ ମା'ଙ୍କୁ ଦର୍ଶନ କଲେ ବିଭିନ୍ନ ପ୍ରକାର ଚର୍ମ ରୋଗ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ମନ୍ଦିର ପରିସରରେ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଏଥିସହ ପରିବାରର ମଙ୍ଗଳ ସକାଶେ ଭକ୍ତ ମାନେ ଯାତ୍ରାରେ ମୁଆଁ ପକାଇଥାନ୍ତି। ବିଶେଷ କରି ତେଲୁଗୁ ସମ୍ପ୍ରଦାୟର ଲୋକଙ୍କ ଲାଗି ଏହି ଯାତ୍ରା ଅତି ଗୁରୁତ୍ୱପୂର୍ଣ୍ଣ। କେଉଁ ପୌରାଣିକ କାଳରୁ ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଯାତ୍ରାର ଶେଷରେ ପୁଣି ମା'ଙ୍କ ବେଢା, ଅଗ୍ନିପୂଜା, ଆଳତି ହୋଇ ଗୁପ୍ତନୀତି ସମ୍ପୂର୍ଣ୍ଣ ହୋଇଥାଏ। ଭିଡ଼କୁ ଦୃଷ୍ଟିରେ ରଖି ଯାତ୍ରା ପରିଚାଳନା କମିଟି ପକ୍ଷରୁ ସ୍ୱତନ୍ତ୍ର ବନ୍ଦବସ୍ତ କରାଯାଇଥିବା ବେଳେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ